


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୧ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 01 June 2026
Vol.No. 36 ■ No.143 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ବ୍ୟବସାୟିକ ଯୌନ ଶୋଷଣର ଶିକାର ବ୍ୟକ୍ତି ନାବାଳିକା ହେଲେ ପୋକ୍ସୋ ଆଇନ ଲାଗୁ ହେବ: ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ,୩୧/୫ : ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ଅନୈତିକ ଟ୍ରାଫିକ୍ (ନିବାରଣ) ଆଇନ (ଆଇଟିପିଏ) ବ୍ୟତୀତ ନାବାଳିକାଙ୍କ ବ୍ୟବସାୟିକ ଯୌନ ଶୋଷଣ (ସିଏସ୍‌ଇ) ସହ ଜଡିତ ଚାଲାଣକାରୀଙ୍କ ବିରୋଧରେ କଠୋର ପୋକ୍ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇପାରିବ ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି। ଜଷ୍ଟିସ୍ ଜେବି ପାର୍ଦିୱାଲା ଓ ଜଷ୍ଟିସ୍ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଚାଲାଣ ମାମଲାରେ ଆଇନର ପ୍ରୟୋଗ ପୀଡିତାଙ୍କ ବୟସ, ଚାଲାଣକାରୀଙ୍କ ଦ୍ୱାରା ବ୍ୟବହୃତ ପଦ୍ଧତି ଓ ଶୋଷଣର ପ୍ରକୃତି ଉପରେ ନିର୍ଭର କରେ। ମାନବ ଚାଲାଣକୁ ରୋକିବା ଏବଂ ବ୍ୟବସାୟିକ ଯୌନ ଶୋଷଣର ଶିକାର ହୋଇଥିବା ଲୋକଙ୍କୁ ସୁରକ୍ଷା ଦେବା ପାଇଁ କଠୋର ପଦକ୍ଷେପ ନେବାକୁ ଏନ୍‌ଜିଓ ପ୍ରଜ୍ୱଳ ଦ୍ୱାରା ଆବେଦନର ଶୁଣାଣି ସମୟରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆଇନଗତ ଢାଞ୍ଚାକୁ ସ୍ପଷ୍ଟ କରି ଖଣ୍ଡପୀଠ କହିଛନ୍ତି ଯେ, ଜବରଦସ୍ତି, ପ୍ରତାରଣା କିମ୍ବା ଦୁର୍ବ୍ୟବହାର ସହ ଜଡିତ ମାମଲାରେ ଚାଲାଣ ପୀଡିତାଙ୍କ ସମ୍ମତିକୁ ପ୍ରତିରକ୍ଷା ଭାବରେ ବ୍ୟବହାର କରାଯାଇପାରିବ ନାହିଁ। ଚାଲାଣର ଶିକାର ହୋଇଥିବା ଶିଶୁଙ୍କ ସମ୍ମତି ଅପ୍ରାସଙ୍ଗିକ ବୋଲି କୋର୍ଟ କହିଛନ୍ତି। ବେଞ୍ଚ କହିଛନ୍ତି ଯେ, ଯଦି ଚାଲାଣକାରୀମାନେ ଶୋଷଣକୁ ସୁଗମ କରିବା ପାଇଁ ଧମକ, ବଳପ୍ରୟୋଗ, ଅପହରଣ, ଠକେଇ, ପ୍ରତାରଣା, କ୍ଷମତାର ଅପବ୍ୟବହାର କିମ୍ବା ପ୍ରଲୋଭନ ବ୍ୟବହାର କରିଥାନ୍ତି ତେବେ ସମ୍ମତି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଖଣ୍ଡପୀଠ କହିଛନ୍ତି ଯେ, ଯେତେବେଳେ ଚାଲାଣର ଶିକାର ହୋଇଥିବା ବ୍ୟକ୍ତି ନାବାଳିକା ହୋଇଥାନ୍ତି, ପୋକ୍ସୋ ଆଇନର ବ୍ୟବସ୍ଥା ଅନୁଯାୟୀ ମାମଲା ରୁଜୁ ହୋଇପାରେ। ଭାରତୀୟ ଆଇନ ଶିଶୁଙ୍କ ସହ ଜଡିତ ଯୌନ ଶୋଷଣର ପ୍ରତ୍ୟେକ କାର୍ଯ୍ୟକୁ ସହମତି ବିହୀନ ଭାବରେ ବିବେଚନା କରେ।

## ହିମାଚଳ ପ୍ରଦେଶରେ ୩ ମ୍ୟୁନିସିପାଲ କର୍ପୋରେସନ ଜିତିଲା ବିଜେପି



ନୂଆଦିଲ୍ଲୀ,୩୧/୫ : ହିମାଚଳ ପ୍ରଦେଶରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ପୌର ନିର୍ବାଚନରେ ଶାସକ ଦଳ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି। ହିମାଚଳ ପ୍ରଦେଶର ୪ ମ୍ୟୁନିସିପାଲ କର୍ପୋରେସନ ମଧ୍ୟରୁ ବିଜେପି ୩ଟିରେ ଜିତିଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ, ବିଜେପି ମଣ୍ଡି, ଧର୍ମଶାଳା ଓ ସୋଲନ ମ୍ୟୁନିସିପାଲ କର୍ପୋରେସନ ନିର୍ବାଚନ ଜିତିଥିବାବେଳେ କଂଗ୍ରେସ କେବଳ ପାଲମପୁରରେ ଜିତିବାରେ ସକ୍ଷମ ହୋଇଛି। ପୌର ନିର୍ବାଚନ ମେ ୧୭ ତାରିଖରେ ଅନୁଷ୍ଠିତ ହୋଇଥିଲା। ମଣ୍ଡିରେ ୧୫ ୱାର୍ଡ଼ରୁ ବିଜେପି ୧୨ଟି ଜିତିଥିବାବେଳେ କଂଗ୍ରେସ ମାତ୍ର ଗୋଟିଏରେ ଜିତିଛି। ଅନ୍ୟ ୱାର୍ଡ଼ରେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ସୋଲନରେ ୧୭ଟି ୱାର୍ଡ଼ରୁ କଂଗ୍ରେସ ୬ଟି ଜିତିଥିବାବେଳେ ବିଜେପି ୧୦ଟି ଜିତିଛି। ଗୋଟିଏ ୱାର୍ଡ଼ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ଧର୍ମଶାଳାରେ ମଧ୍ୟ ୧୭ ୱାର୍ଡ଼ରୁ ଶାସକ ଦଳ କଂଗ୍ରେସ ମାତ୍ର ୫ଟି ୱାର୍ଡ଼ ଜିତିଥିବାବେଳେ ବିଜେପି ୧୧ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ପାଲମପୁରରେ ୧୫ ୱାର୍ଡ଼ ମଧ୍ୟରୁ କଂଗ୍ରେସ ୧୧ ଓ ବିଜେପି ୪ଟି ୱାର୍ଡ଼ରେ ଜିତିଛି। ବିଜେପି ଏହି ବିଜୟରେ ଉତ୍ସାହିତ ଥିବାବେଳେ ରାଜ୍ୟ ସଭାପତି ରାଜୀବ ବିନ୍ଦଲ କହିଛନ୍ତି, ଏହି ନିର୍ବାଚନ ଫଳାଫଳ ଦର୍ଶାଉଛି କି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁଙ୍କ ସରକାରକୁ ଲୋକମାନେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କଂଗ୍ରେସ ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ କ୍ଷମତାରୁ ବିତାଡ଼ିତ ହେବ ବୋଲି ବିନ୍ଦଲ କହିଛନ୍ତି।

## ରାଜ୍ୟରେ ସିଏନ୍‌ଜି ଦର କିଗ୍ରା ପିଛା ୨ ଟଙ୍କା ବଢ଼ିଲା

ଭୁବନେଶ୍ୱର, ୩୧/୫ (ନି.ପ୍ର): ଓଡ଼ିଶାରେ ସିଏନ୍‌ଜି ଚାଳିତ ଗାଡ଼ିମୋଟର ଯାତ୍ରା ପୁଣି ମହଙ୍ଗା ହେବ। ଗେଲ୍ ଇଣ୍ଡିଆ ପକ୍ଷରୁ କଟକ ଓ ଭୁବନେଶ୍ୱରରେ ସିଏନ୍‌ଜି (କଂପ୍ରେସ୍‌ଡ ନେଚୁରାଲ୍ ଗ୍ୟାସ୍) ଦର ବୃଦ୍ଧି କରାଯାଇଛି। କିଲୋଗ୍ରାମ ପିଛା ଦାମ୍ ୨ ଟଙ୍କା ବୃଦ୍ଧି ହୋଇ ୯୩ ଟଙ୍କା ୨୬ ପଇସାରେ ପହଞ୍ଚିଛି। ଗେଲ୍ ଇଣ୍ଡିଆ ପକ୍ଷରୁ ଜାରି ସୂଚନାନୁସାରେ, ଏହି ଦର ମଇ ୨୯ ତାରିଖରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଏହାକୁ ମିଶାଇ ମଇ ମାସରେ ସିଏନ୍‌ଜି ଦର ୩ ଥରରେ ସିଏନ୍‌ଜି ୪ ଟଙ୍କା ମହଙ୍ଗା ହୋଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ରାଷ୍ଟ୍ରାୟତ୍ତ କମ୍ପାନି ଗେଲ୍‌ର ୩୮ଟି ସିଏନ୍‌ଜି ଷ୍ଟେସନ ରହିଛି। ସେଥିରୁ ଭୁବନେଶ୍ୱରରେ ୨୪ଟି ଏବଂ କଟକରେ ୧୪ଟି ଷ୍ଟେସନ୍ ରହିଛି। ମଧ୍ୟପ୍ରାଚ୍ୟ ସମସ୍ୟା ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଓ ଗ୍ୟାସ ଦର ବଢ଼ିଛି। ଏଥିପାଇଁ ଦେଶ ଭିତରେ କମ୍ପାନିଗୁଡ଼ିକ ନିଜର କ୍ଷତିର ଭରଣା କରିବାକୁ ପେଟ୍ରୋଲ, ଡିଜେଲ ଓ ସିଏନ୍‌ଜି ଦର ବଢ଼ାଇ ଚାଲିଛନ୍ତି। ଚଳିତମାସରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ପ୍ରାୟ ୮ ଟଙ୍କା ମହଙ୍ଗା ହୋଇଯାଇଛି।

## ବିଳମ୍ବିତ ମୌସୁମୀ ବଢ଼ାଉଛି ମରୁଡ଼ି ଭୟ: ଜୁନ୍‌ରେ ପ୍ରଭାବ ଶୂନ୍ୟ ରହିବ ମୌସୁମୀ

ଭୁବନେଶ୍ୱର, ୩୧/୫ (ନି.ପ୍ର): ଚଳିତ ବର୍ଷା ବିଳମ୍ବିତ ମୌସୁମୀକୁ ନେଇ ଚାଷ କାମ ମନ୍ଥର ହୋଇଛି। ଚଳିତ ବର୍ଷ ଏଲନିନୋ ପ୍ରଭାବରୁ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରଭାବିତ ହେବ ଓ ବୃଷ୍ଟିପାତ କମ ରହିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ମୌସୁମୀର କୋର ଜୋନ କୁହାଯାଉଥିବା ମଧ୍ୟପ୍ରଦେଶ, ଓଡିଶା, ଗୁଜୁରାଟ ସମେତ ୯ ରାଜ୍ୟରେ ସ୍ୱାଭାବିକଠୁ କମ ବର୍ଷା ହେବ । ଯେଉଁଠି ବର୍ଷା ଜଳ ଉପରେ କୃଷି ନିର୍ଭରଶୀଳ ସେ ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ତେଣୁ ଓଡ଼ିଶାରେ ମରୁଡ଼ି ହେବା ଆଶଙ୍କା ପ୍ରକାଶ ପାଇଛି । ମୌସୁମୀକୁ ନେଇ ସାମ୍ନାକୁ ଆସିଛି ଭାରତୀୟ ପାଣିପାଗ ବିଭାଗର ବଡ଼ ପୂର୍ବାନୁମାନ। ଜୁନରେ ସୁପର ଏଲନିନୋ ଯୋଗୁଁ ପ୍ରଭାବିତ ହେବ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ। ମେ ୨୬ ବଦଳରେ ଜୁନ ୧ରେ କେରଳ ଛୁଇଁବ ମୌସୁମୀ । ବିଳମ୍ବରେ ଆସି ଜୁନରେ ବି ପ୍ରଭାବଶୂନ୍ୟ ରହିବ। ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ କିଛି ମୌସୁମୀ ଋତୁରେ ସ୍ୱାଭାବିକଠାରୁ କମ୍, ୯୦% ବର୍ଷା ହେବ ବୋଲି ଆକଳନ କରାଯାଇଛି। ଅନ୍ୟପଟେ ଦୁର୍ବଳ ସ୍ଥିତିରେ ଓଡିଶା ଛୁଇଁବ ମୌସୁମୀ। ଫଳରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ସ୍ୱାଭାବିକ ଠାରୁ କମ ବର୍ଷା ହେବା ଅନୁମାନ କରାଯାଉଛି । ଖରିଫ ଚାଷରେ ଏବେ ବଡ଼ ବାଧକ ସାଜିଛି ବର୍ଷା। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳରେ ମାସେରୁ ଅଧିକ ହେବ ବର୍ଷାର ଦେଖା ନାହିଁ। କାଁ ଭାଁ କାଳବୈଶାଖୀ ଚାଷକୁ କୌଣସି ପ୍ରକାର ସହାୟତା କରିପାରୁନାହିଁ। ୱିଣ୍ଡୋ କେବଳ କୁଚିଣ୍ଡା, କେନ୍ଦ୍ରାପଡ଼ା କି ଗଞ୍ଜାମର ଖଲ୍ଲିକୋଟ ନୁହେଁ ରାଜ୍ୟର ସବୁ ଅଣଜଳସେଚିତ ଅଞ୍ଚଳରେ ସମାନ ସ୍ଥିତି।

◆◆ପୃଷ୍ଠା ୭

## ଅପରାଜିତା ଷଡ଼ଙ୍ଗୀଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼: ନାବାଳକ ସମେତ ୨ ଗିରଫ



ଭୁବନେଶ୍ୱର, ୩୧/୫ (ନି.ପ୍ର): ଚଳିତ ମାସ ୧୭ ତାରିଖରେ ବୋଲଗଡ଼ ଗସ୍ତ ସମୟରେ ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ହୋଇଥିଲା। ଏହି ଘଟଣାରେ ପୁଲିସ ଜଣେ ୧୭ ବର୍ଷୀୟ ନାବାଳକ ସମେତ ୨ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଏଯାଏଁ ଫେରାର ରହିଥିବା ଜଣାଯାଇଛି। ପୁଲିସ ଠାରୁ ମିଳିଥିବା ସୂଚନାନୁସାରେ, ବୋଲଗଡ଼ ଫ୍ଲାଏଓଭର ନିକଟରେ ସାଂସଦ ଶ୍ରୀମତିଷଡ଼ଙ୍ଗୀଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ହୋଇଥିଲା। ଏନେଇ ସାଂସଦଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ଧନେଶ୍ୱର ବାରିକଙ୍କ ଲିଖିତ ଅଭିଯୋଗକ୍ରମେ, ୧୯ ତାରିଖରେ ବୋଲଗଡ଼ ଥାନା ନଂ ୨୩୦ରେ ବିଏନ୍‌ଏସ୍‌ର ଧାରା ୧୨୬(୨)/୧୩୨/୩(୫)/୩୨୪(୪)/୩୫୨/୬୧(୨) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍, ସିଡିଆର ବିଶ୍ଳେଷଣ ଏବଂ ସ୍ଥାନୀୟ ତଦନ୍ତ ଆଧାରରେ ଅଭିଯୁକ୍ତ ପ୍ରକାଶ କୁମାର ସାହୁ ଓ ଅଭିଯୁକ୍ତ ନାବାଳକ (୧୭)କୁ ୩୧ ତାରିଖରେ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ଏହାପରେ ଆକ୍ରମଣ ସମୟରେ ବ୍ୟବହୃତ ମୋଟରସାଇକଲ, ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଥିଲା। ତଦନ୍ତ ପରେ ବିଏନ୍‌ଏସ୍‌ର ଧାରା ୧୨୬(୨)/୧୩୨/୩୨୪(୪)/୩୫୨/୬୧(୨)/୧୦୯/୩(୫)ରେ କୋର୍ଟରେ ହାଜର କରାଯାଇଛି।

◆◆ପୃଷ୍ଠା ୭

## ଭାରତୀୟ ନୌସେନାର ନୂତନ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନ୍



ନୂଆଦିଲ୍ଲୀ,୩୧/୫ : ଭାରତୀୟ ସାମରିକ ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ସ୍ୱରୂପ ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନ୍ ରବିବାର ଦିନ ଭାରତୀୟ ନୌସେନାର ନୂତନ ମୁଖ୍ୟ ବା ''ଚିଫ୍ ଅଫ୍ ନେଭାଲ୍ ଷ୍ଟାଫ୍'' ଭାବେ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଅବସର ଗ୍ରହଣ କରିଥିବା ଆଡମିରାଲ୍ ଦିନେଶ ତ୍ରିପାଠୀଙ୍କ ସ୍ଥାନ ଗ୍ରହଣ କରିଛନ୍ତି। ନୌସେନା ମୁଖ୍ୟ ଭାବେ ନିଯୁକ୍ତ ହେବା ପୂର୍ବରୁ ଆଡମିରାଲ୍ ସ୍ୱାମୀନାଥନ୍ ପଶ୍ଚିମ ନେଭାଲ୍ କମାଣ୍ଡର ''ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍'' ଭାବେ ସେବା ପ୍ରଦାନ କରୁଥିଲେ ।

◆◆ପୃଷ୍ଠା ୭

## ୧୫ ଦିନ ମଧ୍ୟରେ ଭତ୍ତା ସମସ୍ୟାର ସମାଧାନ: ଆଶ୍ୱାସନା ଦେଲେ ମନମୋହନ ସାମଲ



ଭୁବନେଶ୍ୱର, ୩୧/୫ (ନି.ପ୍ର): ୧୫ ଦିନ ଭିତରେ ଭତ୍ତା ସମସ୍ୟାର ହେବ ସମାଧାନ । ନୂଆ ସଫ୍ଟଓୟାର ପାଇଁ ଦୁଇ ମାସ ଧରି ଭତ୍ତା ଦେବାରେ ବ୍ୟତିକ୍ରମ ଦେଖାଯାଉଛି । ଯେଉଁମାନେ କ୍ୟାସ ଆକାରରେ ଭତ୍ତା ପାଉଥିଲେ ସେମାନଙ୍କର କିଛି ସମସ୍ୟା ସୃଷ୍ଟି ହୋଇନାହିଁ । ଯେଉଁମାନଙ୍କ ଅନଲାଇନ ଆକାଉଣ୍ଟରେ ଭତ୍ତା ଯାଉଛି, ସେମାନଙ୍କ କ୍ଷେତ୍ରରେ ସମସ୍ୟା ଦେଖାଦେଇଛି, କେନ୍ଦ୍ର ସରକାର ପକ୍ଷରୁ ନୂଆ କରି ସଫ୍ଟଓୟାର ଡେଭଲପ କାମ ଚାଲିଛି । ସେଥିପାଇଁ ସମସ୍ୟା ହୋଇଛି । ଆଉ ୧୫ ଦିନ ଭିତରେ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି

◆◆ପୃଷ୍ଠା ୭

## ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଘେରିଲେ ବିରୋଧୀ: ବିବାଦରେ ଟେଣ୍ଡର ପାଇଥିବା କମ୍ପାନୀ




ନୂଆଦିଲ୍ଲୀ,୩୧/୫ : ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ସିବିଏସ୍‌ଇ ଓଏସଏମ୍ ଅବ୍ୟବସ୍ଥାକୁ ନେଇ ଅଡୁଆରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ। ଏହାକୁ ନେଇ ଦେଶବ୍ୟାପୀ ବଢୁଥିବା ଛାତ୍ର ଅସନ୍ତୋଷ ଭିତରେ ଆଜି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଘେରିଛନ୍ତି ବିରୋଧୀ। ସେପଟେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି କିଛି ଛାତ୍ରଛାତ୍ରୀଙ୍କୁ ଭେଟି ଓଏସଏମ୍ ବ୍ୟବସ୍ଥାରେ କିଭଳି ଦୁର୍ବଳ ଭିତ୍ତିଭୂମି ଥିବା ଏକ କମ୍ପାନୀକୁ ଟେଣ୍ଡର ଦିଆଯାଇଥିଲା, ତାର ଖୁଲାସା କରିଛନ୍ତି। ଅନ୍ୟପଟେ ସିବିଏସଇ କହିଛି, OSM ପୋର୍ଟାଲରେ ଚିହ୍ନଟ ହୋଇଥିବା ଦୁର୍ବଳତାକୁ ଅନୁଧ୍ୟାନ କରାଯାଉଛି। ସିବିଏସ୍‌ଇ ଅନ୍ ସ୍କ୍ରିନ୍ ମାର୍କିଂ ଟେଣ୍ଡରର ଖୁଲାସା ପରେ ତେଜିଲା ରାଜନୀତି। କେନ୍ଦ୍ର ସରକାର ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଘେରିଲେ ବିରୋଧୀ। ନିଟ୍ ପ୍ରଶ୍ନପତ୍ର ଲିକ୍ ପରେ ସିବିଏସଇ OSMରେ ଘୋର ଅବ୍ୟବସ୍ଥା, ସରକାରଙ୍କ ଶିକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଥିବା ଅଭିଯୋଗ। ଏହି ପ୍ରସଙ୍ଗରେ ଲଗାତର ସରକାରଙ୍କୁ ଟାର୍ଗେଟ କରି ଆସୁଥିବା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି ପୁଣି ଥରେ ସରକାରଙ୍କୁ କଟାକ୍ଷ କରିଛନ୍ତି । (ଆମ୍ଭିଆନ୍ସ) ଆଜି ସେ ସିବିଏସଇ ଦ୍ୱାଦଶ ଛାତ୍ରଛାତ୍ରୀଙ୍କୁ ଭେଟି ଓଏସଏମ୍ ବିଷୟରେ କଥା ହୋଇଛନ୍ତି। ତେଣେ ଏ ଦୁଇ ପରୀକ୍ଷା ପ୍ରଣାଳୀରେ ଅବ୍ୟବସ୍ଥାକୁ ନେଇ ବିଭିନ୍ନ ସ୍ଥାନରେ ପ୍ରତିବାଦ ଜାରି ରହିଛି। ସମଗ୍ର ଘଟଣାରେ ବିରୋଧୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାୟୀ କରି ତାଙ୍କ ଇସ୍ତଫା ଦାବି କରିଛନ୍ତି। ଏପଟେ ଓଡ଼ିଶାରେ ମଧ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି।

◆◆ପୃଷ୍ଠା ୭

## ଥାର୍ଡ ଡିଗ୍ରୀ ମାମଲା: ବଦଳିଲେ ବାରଙ୍ଗ ଆଇଆଇସି



କଟକ, ୩୧/୫ (ନି.ପ୍ର): କଟକ ଜିଲ୍ଲା ବାରଙ୍ଗ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ ଘଟଣାରେ ବଦଳିଲେ ଥାନା ଅଧିକାରୀ ନିରଞ୍ଜନ ବେହେରା। ନିରଞ୍ଜନଙ୍କୁ କଟକ ଡିସିପି ଅଫିସକୁ ବଦଳି କରାଯାଇଥିବା ବେଳେ ପୁରୀ ଘାଟ ଥାନା ଆଇଆଇସି ବିଶ୍ୱରଞ୍ଜନ ନାୟକଙ୍କୁ ବାରଙ୍ଗ ଥାନା ଆଇଆଇସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ରାକେଶଙ୍କୁ ଥାନାରେ ଥାର୍ଡ ଡିଗ୍ରୀ ହୋଇନଥିବା ଡିସିପି କହିଥିବାବେଳେ କେଉଁ କାରଣ ପାଇଁ ଆଇଆଇସିଙ୍କୁ ବଦଳି କରାଯାଇଛି, ତାକୁ ନେଇ ଉଠିଛି ପ୍ରଶ୍ନ। ଆଇଆଇସିଙ୍କ ବଦଳି ପରେ ପରୋକ୍ଷରେ ଡିସିପି ସ୍ୱୀକାର କରିଛନ୍ତି କି ଥାନାରେ ଥାର୍ଡ ଡିଗ୍ରୀ ହୋଇଛି ? ତେବେ ଡିସିପିଙ୍କୁ ଯୋଗାଯୋଗ କରାଯାଇଥିଲେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ଅନ୍ୟପଟେ ରାକେଶ ଏବେ ଗୁରୁତର ଭାବେ ଏସସିବି ମେଡ଼ିକାଲ ସିଟିଭିଏସ ବିଭାଗରେ ଚିକିତ୍ସିତ ହେଉଛନ୍ତି। ଆଜି ତାଙ୍କୁ ଭେଟିଛନ୍ତି ବିଜେପି ନେତା ବୁଲୁ ଚକ୍ରବର୍ତ୍ତୀ ଏବଂ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ସେମାନେ ରାକେଶଙ୍କୁ ଭେଟିବା ସହ ତାଙ୍କର ସ୍ୱାସ୍ଥ୍ୟବସ୍ଥା

◆◆ପୃଷ୍ଠା ୭

# ଯୋଜନା ନାମରେ ସରକାରୀ ଅନୁଦାନର ଅପବ୍ୟବହାର : ବ୍ୟବହାର ହେଉନି ପୁରୁଣା ଗୋଷ୍ଠୀ କେନ୍ଦ୍ର, ପାଖରେ ତିଆରି ଚାଲିଛି ନୂଆ ଗୃହ

ଚମ୍ପୁଆ, ୩୧/୦୫ (ନି.ପ୍ର): ଚମ୍ପୁଆ ବ୍ଲକରେ ସରକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ଏବଂ ସରକାରୀ ଅନୁଦାନର ଅପବ୍ୟବହାର ନେଇ ଏକ ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଛି । ‘ସରକାର କା ମାଲ୍ ଦରିଆ ମେ ଡାଲ୍‘ ନୀତିରେ ଗ୍ରାମାଚଂଳରେ ବିକାଶ ନାମରେ କେବଳ ଗୃହ ପରେ ଗୃହ ନିର୍ମାଣ କରାଯାଉଛି । ଏହା ଦ୍ୱାରା ଜନସାଧାରଣ ଉପକୃତ ହେବା ବଦଳରେ ଠିକାଦାର, ଯନ୍ତ୍ରୀ ଓ ସମ୍ପୃକ୍ତ ଅଧିକାରୀମାନେ ମାଲେମାଲ ହେଉଥିବା ଅଭିଯୋଗ ହେଉଛି । ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ ଉଛବାଲି ପଂଚାୟତର ମାଳିପକ୍ଷୀ ଗ୍ରାମରେ । ମିଳିଥିବା ସୂଚନା ଅନୁଯାୟୀ, ବିଗତ ବିଜେଡି ସରକାର ଅମଳରେ ଏହି ଗ୍ରାମରେ ଏକ ’ଆମ ଗୋଷ୍ଠୀକେନ୍ଦ୍ର’ ଗୃହ ନିର୍ମାଣ କରାଯାଇଥିଲା । ତେବେ ନିର୍ମାଣ ପରଠାରୁ ଏହି ଗୃହଟି କୌଣସି ବ୍ୟବହାରରେ ନଆସି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ରକ୍ଷଣାବେକ୍ଷଣ ଅଭାବରୁ ଏହି ଗୃହ ସମ୍ମୁଖ ଭାଗ ଏବେ ଜଙ୍ଗଲ ଓ ଲତାବୁଦାରେ ପରିପୂର୍ଣ୍ଣ ହୋଇ ରହିଛି । ଅଥଚ, ଏହି ଅଦରକାରୀ ପଡ଼ିଥିବା ଗୃହ ନିକଟରେ ଏବେ ପୁଣି ଆଉ ଗୋଟିଏ ନୂତନ ଗୋଷ୍ଠୀ କେନ୍ଦ୍ର ଗୃହର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି । ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଚମ୍ପୁଆ ପଂଚାୟତ ସମିତି ନାମରେ କାର୍ଯ୍ୟାଦେଶ ଥାଇ ୪ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଅଟକଳରେ ଏହି ଦ୍ୱିତୀୟ ଗୃହଟି ନିର୍ମାଣ କରାଯାଉଛି । ପୂର୍ବରୁ ନିର୍ମିତ ଗୃହଟି ଅଦରକାରୀ ହୋଇ ପଡ଼ିଥିବା ବେଳେ, ସେହି ସ୍ଥାନରେ ପୁଣି ଏକ ନୂଆ ଗୃହ ନିର୍ମାଣ କରି ସରକାରୀ ଅର୍ଥକୁ ପାଣି ଭଳି ବୁହାଯାଉଥିବାରୁ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ନୂତନ ଗୃହ ପ୍ରକୃତରେ କାହା ସ୍ୱାର୍ଥରେ ଏବଂ କେଉଁ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ପିସି କାରବାର ଓ ଅର୍ଥର ହରିଲୁଟ୍ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ଫରେଷ୍ଟର ନିଶାସକ୍ତ ଅବସ୍ଥାରେ ଲୋକଙ୍କ ଉପରକୁ କାର୍ ଚଢ଼ାଇବା ଅଭିଯୋଗ

ବଲାଙ୍ଗିର, ୩୧/୦୫ (ନି.ପ୍ର): ବଲାଙ୍ଗିର ସହରର ପାଟଣା ଛକରେ ଜଣେ ଫରେଷ୍ଟରଙ୍କୁ ମାତାଲ ଅବସ୍ଥାରେ ଉଦ୍ଧାର କରିଛି ବଲାଙ୍ଗିର ଟାଉନ ଥାନା ପୋଲିସ । ମଦ ପିଇ କାର ଚଲାଉ ଥିଲେ । ଆଉ ଲୋକଙ୍କ ଉପରକୁ ଚଢ଼ାଇ ଦେଉଥିଲେ । ଜଣେ ବାଇକ ଆରୋହୀ ଆହତ ହୋଇଥିବା ବେଳେ ଫରେଷ୍ଟର ବାବୁଙ୍କ ନାମ ଦିବସ କୁମାର ମାଝୀ ଓ ବଙ୍ଗୋମୁଣ୍ଡା ବ୍ଲକରେ ସେ କାର୍ଯ୍ୟରତ ଅଛନ୍ତି । ତାଙ୍କ ଉପରେ ନିଶାସକ୍ତ ଅବସ୍ଥାରେ ଲୋକଙ୍କ ଉପରକୁ କାର୍ ଚଢ଼ାଇବା ଅଭିଯୋଗ ହୋଇଛି ।

# ଜିଲ୍ଲାସ୍ତରୀୟ ଏସଆଇଆର-୨୦୨୬ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା, ୩୧/୦୫ (ନି.ପ୍ର): ଝାରସୁଗୁଡା ଜିଲ୍ଲାରେ ଏସଆଇଆର-୨୦୨୬ ଅନ୍ତର୍ଗତ ଆଜି ଠାରୁ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି ତଥ୍ୟ ସଂଗ୍ରହ ଓ ଯାଂଚ୍ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ନିର୍ବାଚନ ଅଧିକାରୀ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଇଆରଓ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଲଳିତ ସୋରେଙ୍ଗ ଏବଂ ଉପ-ଜିଲ୍ଲାପାଳ-ତଥା-ଇଆରଓ ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ସବ୍ୟସାଚୀ ପଣ୍ଡା ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ୩୦ ମେ’ ୨୦୨୬ ଠାରୁ ଆରମ୍ଭ ହୋଇଥିବା ଏହି କ୍ଷେତ୍ରସ୍ତରୀୟ ଅଭିଯାନ ଆସନ୍ତା ଜୁନ୍ ୨୮, ୨୦୨୬ ପର୍ଯ୍ୟନ୍ତ ଜାରି ରହିବ ।

ଏହି ସ୍ୱତନ୍ତ୍ର କ୍ଷେତ୍ର ଅଭିଯାନର ଶୁଭାରମ୍ଭକୁ ସ୍ମରଣୀୟ କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ‘ଏସଆଇଆର’ ଥିମ୍ ଆଧାରିତ ଏକ ଆକର୍ଷଣୀୟ ରଙ୍ଗୋଲି ପ୍ରଦର୍ଶନ କରାଯାଇଥିଲା । ଏହାପରେ ବିଏଲଓ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ ହୋଇଥିଲା ।

ଏହି ସମାବେଶରେ ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ, ଝାରସୁଗୁଡ଼ା ପୌରପାଳିକାର ଏଇଆରଓ ସୌମ୍ୟେଶ ଆଚାର୍ଯ୍ୟ, ସହକାରୀ ଜିଲ୍ଲାପାଳ ସଞ୍ଜୀବ ଶଡ଼ଙ୍ଗୀ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ ଏବଂ ସହକାରୀ ଜିଲ୍ଲାପାଳ ଦୁଷ୍ମନ୍ତ ମହାନ୍ତିଙ୍କ ସମେତ ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏସଆଇଆର ୨୦୨୬ ଶୁଭାରମ୍ଭ

ଜୟପୁର, ୩୦ ମଇ (ହି.ସ.)- କୋରାପୁଟ କଫିର ମହକ ସହ ମିଶିଗଲା ଗଣତନ୍ତ୍ରର ମହକ । କୋରାପୁଟ କଫି ପରିସରରେ ଏସଭିଇଇପି ଅନ୍ତର୍ଗତ ଏସଆଇଆର ୨୦୨୬ ର ଶୁଭାରମ୍ଭ ହେଲା । ଜିଲ୍ଲାପାଳଙ୍କ ହାତରେ ଏସଆଇଆର ୨୦୨୬ ପତାକା ଉନ୍ମୋଚିତ ହେବା ସାଙ୍ଗକୁ କୋରାପୁଟ କଫିର ମହକରେ ଭାସିଲା ଭୋଟର ସଚେତନତାର ବାର୍ତା । ଜିଲ୍ଲାପାଳ କହିଲେ, ‘ଯେମିତି କୋରାପୁଟ କଫି ବିନା ଭେଜାଲରେ ଶୁଦ୍ଧ, ସେମିତି ଆମ ଭୋଟର ତାଲିକା ମଧ୍ୟ ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ ହେବା ଜରୁରୀ ।‘ ବିଏଲଓ ମାନେ ନିଷ୍ଠା ଓ ନିରପେକ୍ଷତାର ସହ ଘରକୁ ଘର ଯାଇ ଯାଂଚ୍ କରିବାକୁ ଜିଲ୍ଲାପାଳ ଉପଦେଶ ଦେଇଥିଲେ । ଆଜିଠାରୁ ବିଏଲଓ ମାନେ ଘରକୁ ଘର ଯିବେ । ମୃତ, ସ୍ଥାନାନ୍ତରିତ ଓ ଦୁଇଥର ନାମ ବାଦ୍ ପଡିବ । ନୂଆ ୧୮ବର୍ଷୀୟଙ୍କ ନାମ ଯୋଡାଯିବ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶ ଚନ୍ଦ୍ର ଶବର, ଆଇ.ଏ.ଏସ ପ୍ରୋବେସନର ଅନୁପ ନାୟକ, ଉପ ଜିଲ୍ଲାପାଳ ପ୍ରେମ ଲାଲ ହିଆଲ,ଡେପୁଟି କଲେକ୍ଟର ନିର୍ବାଚନ ତଥା ଏସଭିଇଇପି ନୋଡାଲ ଅଫିସର ମଙ୍ଗଳ ଚରଣ ବାସ୍କେ, ଆଦିବାସୀ ଉନ୍ନୟନ ସମବାୟ ନିଗମର ଶାଖା ପରିଚାଳକ ରାକେଶ ବିଶ୍ୱାଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ଏବଂ ବିଏଲଓ ମାନେ ଉପସ୍ଥିତ ଥିଲେ ।

# ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କଲେ କାର୍ଯ୍ୟାନୁଷ୍ଠାନ: ଉପ ଜିଲ୍ଲାପାଳ

ଜୟପୁର, ୩୧/୦୫ (ନି.ପ୍ର): ଜୟପୁରରେ ସାର୍ବ ସାଧାରଣ ସ୍ଥାନରେ ମଦ୍ୟ ପାନ କଲେ ଏଣିକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲ୍ଲାପାଳ ଯଦୁମଣି ନାୟକ ନିର୍ଦ୍ଦେଶ ଦେଇଛନ୍ତି । ଜୟପୁର ଏସଡିପିଓ ଏବଂ ଅନ୍ୟାନ୍ୟ କ୍ଷେତ୍ରୀୟ ପଦାଧିକାରୀଙ୍କ ଠାରୁ ରିପୋର୍ଟ ଅନୁଯାଇ ଉପ-ବିଭାଗ ମଧ୍ୟରେ ଅନେକ ସାର୍ବଜନୀନ ସ୍ଥାନରେ ମଦ୍ୟପାନ ସାଧାରଣ ଉପଦ୍ରବ, ବାଧା, ବିରକ୍ତି ଏବଂ ସାର୍ବଜନୀନ ଶାନ୍ତିରେ ବିଭ୍ରାଟର ଏକ ପୁନରାବୃତି ଉତ୍ସ ପାଲଟିଛି । ଯେଉଁଠାରେ, ଏପରି କାର୍ଯ୍ୟକଳାପ ସାଧାରଣ ଜନତାଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି, ମହିଳା, ଶିଶୁ ଏବଂ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ପ୍ରଭାବିତ କରୁଛି, ସାର୍ବଜନୀନ ସ୍ଥାନରେ ମୁକ୍ତ ଗମନାଗମନରେ ବାଧା ସୃଷ୍ଟି କରୁଛି ଏବଂ ଶାନ୍ତି ଭଙ୍ଗ, ସାର୍ବଜନୀନ ଉପଦ୍ରବ ଏବଂ ଆଇନ ଶୃଙ୍ଖଳା ସମସ୍ୟାର ଆଶଙ୍କା ସୃଷ୍ଟି କରୁଛି କ୍ଷ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ର ଧାରା ୧୬୩ ଅନୁଯାୟୀ ସାର୍ବଜନୀନ ଶୃଙ୍ଖଳା, ସାର୍ବଜନୀନ ସୁରକ୍ଷା, ନାଗରିକ ସୁବିଧା ଏବଂ ସାର୍ବଜନୀନ ଶାନ୍ତି ବଜାୟ ରଖିବା ପାଇଁ ତୁରନ୍ତ ପ୍ରତିରୋଧକ କାର୍ଯ୍ୟାନୁଷ୍ଠାନ ଏବଂ ତ୍ୱରିତ ପ୍ରତିକାର ଆବଶ୍ୟକ, ଯାହା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କୁ ଉପଦ୍ରବ କିମ୍ବା ଆଶଙ୍କିତ ବିପଦର ଜରୁରୀ ପରିସ୍ଥିତିରେ ଉପଯୁକ୍ତ ନିଷେଧକ ନିର୍ଦ୍ଦେଶ ଜାରି କରିବାକୁ କରିଛନ୍ତି । ଜୟପୁର ସବ-ଡିଭିଜନ ମଧ୍ୟରେ ସାର୍ବଜନୀନ ସ୍ଥାନ ଏବଂ ସଂଲଗ୍ନ ଅଂଚଳରେ ମଦ୍ୟପାନ ଏବଂ ମଦ୍ୟପାନ ପାଇଁ ବ୍ୟକ୍ତିଙ୍କୁ ଏକତ୍ରିତ କରିବାକୁ ନିଷେଧ କରୁଛି, ସେମାନଙ୍କୁ ‘ମଦ୍ୟପାନ ନିଷେଧ ଅଂଚଳ‘ ଭାବରେ ଘୋଷଣା କରୁଛି । ମୁଖ୍ୟ ବଜାର ଅଂଚଳ ଏବଂ ବାଣିଜ୍ୟିକ କେନ୍ଦ୍ର,. ପୁରୁଣା ବସ୍ ଷ୍ଟାଣ୍ଡ, ନୂତନ ବସ୍ ଷ୍ଟାଣ୍ଡ ଏବଂ ସଂଲଗ୍ନ ସାର୍ବଜନୀନ ଅଂଚଳ । ସାର୍ବଜନୀନ ପାର୍କ, ଖେଳ ପଡ଼ିଆ ଏବଂ ମନୋରଞ୍ଜନ ସ୍ଥାନ । ସ୍କୁଲ, କଲେଜ, ଛାତ୍ରାବାସ ଏବଂ ଶିକ୍ଷାନୁଷ୍ଠାନ ନିକଟବର୍ତୀ ଅଂଚଳ । ହସ୍ପିଟାଲ, ସିଏଚ୍ସି ଏବଂ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ନିକଟବର୍ତୀ ଅଂଚଳ ।ସାର୍ବଜନୀନ ରାସ୍ତା, ରାସ୍ତା ଜଙ୍କସନ, ଟ୍ରାଫିକ ଦ୍ୱୀପ ଏବଂ ପାଦଚଲା ରାସ୍ତା । ସରକାରୀ କାର୍ଯ୍ୟାଳୟ ପରିସର ଏବଂ ସଂଲଗ୍ନ ସାର୍ବଜନୀନ ସ୍ଥାନ । ଧାର୍ମିକ ସ୍ଥାନ ଏବଂ ଆଖପାଖ ଅଂଚଳ । ସ୍ଥାନୀୟ ପ୍ରଶାସନ କିମ୍ବା ପୋଲିସ ଦ୍ୱାରା ସାଧାରଣ ନୋଟିସ ମାଧ୍ୟମରେ ନିର୍ଦ୍ଦିଷ୍ଟ ଭାବରେ ଚିହ୍ନଟ କରାଯାଇଥିବା ଅନ୍ୟ କୌଣସି ସାର୍ବଜନୀନ ସ୍ଥାନ ଯାହାକୁ ମଦ୍ୟପାନରୁ ଉପୁଜିବା ସମସ୍ୟା ପାଇଁ ସମ୍ବେଦନଶୀଳ ବୋଲି କୁହାଯାଇଥାଏ । ଏହା ବ୍ୟତୀତ, ସମସ୍ତ ବ୍ୟକ୍ତିଙ୍କୁ ନିମ୍ନଲିଖିତ କାର୍ଯ୍ୟରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଆଦେଶ ଲାଇସେନ୍ସପ୍ରାପ୍ତ ମଦ ଦୋକାନ, ବାର୍ , ହୋଟେଲ, କ୍ଲବ୍ କିମ୍ବା ଓଡ଼ିଶା ଅବକାରୀ ଆଇନ ଅନୁଯାୟୀ ସେମାନଙ୍କ ଲାଇସେନ୍ସପ୍ରାପ୍ତ ପରିସରରେ ମଦ ବିକ୍ରୟ ଏବଂ ସେବନ ପାଇଁ ଅନୁମତିପ୍ରାପ୍ତ ଅନ୍ୟାନ୍ୟ ପରିସର ପାଇଁ ପ୍ରଯୁଜ୍ୟ ହେବ ନାହିଁ । ସମ୍ପୃକ୍ତ ପୋଲିସ ଷ୍ଟେସନର ଚାର୍ଜ ଇନ୍ସପେକ୍ଟର, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଏବଂ ଅନ୍ୟାନ୍ୟ ପ୍ରବର୍ତନକାରୀ କର୍ତୃପକ୍ଷ ଏହି ଆଦେଶକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବେ । ଏହି ଆଦେଶର ଉଲ୍ଲଂଘନକାରୀ ଯେକୌଣସି ବ୍ୟକ୍ତି ଆଇନର ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥା ସହିତ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ର ଧାରା ୨୨୩ ଅନୁଯାୟୀ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ । ଏହି ଆଦେଶ ସାର୍ବଜନୀନ ଘୋଷଣା, ନୋଟିସ ବୋର୍ଡ ପ୍ରକାଶନ ଏବଂ ବ୍ୟାପକ ସାର୍ବଜନୀନ ସୂଚନା ପାଇଁ ଉପଯୁକ୍ତ ବିବେଚିତ ଅନ୍ୟାନ୍ୟ ପଦ୍ଧତି ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି । ଏହି ଆଦେଶ ତୁରନ୍ତ ପ୍ରଭାବରୁ ବଳବତର ହେବ ଏବଂ ଜାରି ତାରିଖ ଗତ ୨୯ ତାରିଖରୁ ୬୦ ଦିନ ପର୍ଯ୍ୟନ୍ତ ବଳବତର ରହିବ ବୋଲି ନିର୍ଦ୍ଦେଶ ରହିଛି ।

# ବଲାଙ୍ଗୀର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଓ ଗ୍ରାମ ପଂଚାୟତସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି ତାଲିମ

ବଲାଙ୍ଗିର, ୩୧/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗୀର ବ୍ଲକ୍ ଠାରେ ଅରୁଣା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍,ବଲାଙ୍ଗୀର ର ଆୟୋଜନ କ୍ରମେ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା ଶିଶୁ ସୁରକ୍ଷା କମିଟି ବୈଠକ ଓ ସରପଂଚ ଓ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କ ପାଇଁ ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଏକ ତାଲିମ ଅନୁଷ୍ଠିତ କରାଯାଇଛି ।ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତଙ୍କୁ ସ୍ୱାଗତ ଜଣାଇ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟି ର ଦାୟିତ୍ୱ, କର୍ତବ୍ୟ, ଭୂମିକା ଉପରେ ଜଣାଇଥିଲେ । କିଶୋର ନ୍ୟାୟ ଆଇନ୍ ଉପରେ ଶିଶୁ ମାନଙ୍କର ଯତ୍ନ ଓ ସୁରକ୍ଷା ଉପରେ ବିଭିନ୍ନ ପ୍ରକାର ଆଇନ୍ ତଥା ବାଲ୍ୟବିବାହ ନିରୋଧ ଆଇନ, ପୋକ୍ସୋ ଆଇନ୍,ଶିଶୁ ଶ୍ରମିକ ନିରୋଧ ଆଇନ, ପି ସି ପି ଏନ୍ ଡି ଟି ଆଇନ୍ ଉପରେ ଜଣାଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ବ୍ଲକ୍ ର ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଆନନ୍ଦ ଚରଣ ମିଶ୍ର ଉପସ୍ଥିତ ରହି ଶିଶୁ ମାନଙ୍କ ପାଇଁ ଥିବା ଗ୍ରାମ ପଂଚାୟତ ବିକାଶ ପାଣ୍ଠି ର ୫% ଯୋଜନା ରଖି ଶିଶୁଙ୍କ ପାଇଁ ଖର୍ଚ୍ଚ କରିବା ପାଇଁ ତାଲିମରେ ଜଣାଇଥିଲେ । ତାଲିମରେ ଜି ପି ଡି ଓ ପ୍ରକାଶ କୁମାର ପନିକ ଉପସ୍ଥିତ ରହି ତାଲିମ୍ ନେଇ ଶିକ୍ଷା ଲାଭ କରି କାମରେ ଲଗାଇବା ପାଇଁ ସମସ୍ତ ସରପଂଚ ଓ ଇ ଓ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରେ ଅବସ୍ଥିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତି ତାଲିମ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିବା ସହ ସରପଂଚ ଓ ଇ ଓ ମାନଙ୍କର ଭୂମିକା , ଦାୟିତ୍ୱ ଉପରେ ଜଣାଇଥିଲେ । ଗ୍ରାମ ପଂଚାୟତ ବିକାଶ ପାଣ୍ଠି ର ଅନ୍ ଟାଏଡ ପାଣ୍ଠି ର ୫ % ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁ ମାନଙ୍କୁ ଚିହ୍ନଟ କରି ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷା ର ଯୋଜନା ପ୍ରସ୍ତୁତି କରିବାକୁ ଗୋଷ୍ଠି ଭିତିକ ଯୋଜନା ଓ ବ୍ୟକ୍ତିଗତ ଯୋଜନା ପ୍ରସ୍ତୁତି କରିବା ପାଇଁ ଏକ ତାଲିମ ପ୍ରଦାନ କରିଥିଲେ ।ଏହି ତାଲିମ ପ୍ରଦାନ ପୂର୍ବରୁ ଏବଂ ତାଲିମ ପରବର୍ତୀ ପର୍ଯ୍ୟାୟରେ ୧୦ ଟି ପ୍ରଶ୍ନ ପ୍ରସ୍ତୁତି କରି ସମସ୍ତ ସରପଂଚ ଓ ପି ଇ ଓ ଙ୍କୁ ପ୍ରଦାନ କରାଯାଇଥିଲା ।

## ଟାଟା ଷ୍ଟିଲ ପକ୍ଷରୁ ଠିକାଦାର ଓ ରାଜମିସ୍ତ୍ରୀ ସଚେତନତା ସମ୍ମିଳନୀ

ଝାରସୁଗୁଡା, ୩୧/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ସ୍ଥିତ ଗ୍ରୀନଭେଲି ବଗିଚାରେ ଟାଟାଷ୍ଟିଲ ପକ୍ଷରୁ ଠିକାଦାର ଓ ରାଜମିସ୍ତ୍ରୀ ସଚେତନତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି କ୍ଷ ଆଦର୍ଶ ଏଣ୍ଟରପ୍ରାଇଜେସ ଓ ଡେ ସନ ଡିଷ୍ଟ୍ରିବ୍ୟୁଟରଙ୍କ ସହଭାଗିତାରେ ଅନୁଷ୍ଠିତ ସମ୍ମିଳନୀରେ କମ୍ପାନୀ ଉପଭୋକ୍ତା ସେବା ମ୍ୟାନେଜର ରାଜକୁମାର ପାଳ ଯୋଗଦେଇ ଟାଟା ଷ୍ଟିଲ ଟିଏମଟି ବାର୍ ର ଗୁଣବତା ତଥା ଲୋକଙ୍କ ଚାହିଦା ଓ ଟାଟା କମ୍ପାନୀର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଆଦର୍ଶ ଏଂଟରପ୍ରାଇଜେସ ର ପ୍ରୋପାଇଟର ସୁଶାନ୍ତ କୁମାର ପୁରୋହିତ ମଂଚାସିନ ଥିଲେ । ଏରିଆ ସେଲସ ମ୍ୟାନେଜର ସତ୍ୟନାରାୟଣ ବାରିକ ମଂଚ ପରିଚାଳନା କରିଥିଲେ ।

# ଟ୍ରାଫିକ ନିୟନ୍ତ୍ରଣ ପାଇଁ ଉପଖଣ୍ଡ ପ୍ରଶାସନର ପଦକ୍ଷେପ: ଟ୍ରାଫିକ ନିୟମ ଭାଙ୍ଗିଲେ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସକୁ ନିର୍ଦ୍ଦେଶ

ଜୟପୁର, ୩୧/୦୫ (ନି.ପ୍ର): ଜୟପୁର ସହରରେ ଟ୍ରାଫିକ ସମସ୍ୟା ସମାଧାନ ନେଇ ପଦକ୍ଷେପ ନେବା ସହ ଟ୍ରାଫିକ ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପ ଜିଲ୍ଲାପାଳ ଯଦୁମଣି ନାୟକ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ପୋଲିସ ଦ୍ୱାରା ବାରମ୍ବାର ଚେତାବନୀ ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପଦକ୍ଷେପ ସତ୍ତ୍ୱେ ଜୟପୁର ସହରର ପାରାବେଡା ଏବଂ ପୁରୁଣା ବସଷ୍ଟାଣ୍ଡ, ସଂଲଗ୍ନ ଅଂଚଳରେ ଯାତ୍ରୀବାହୀ ବସ୍ ଗୁଡ଼ିକର ଅନଧିକୃତ ପାର୍କିଂ, କଲଟିଂ, ବୋର୍ଡିଂ ଏବଂ ଡି-ବୋର୍ଡିଂ ସମ୍ପର୍କରେ ଏକ ରିପୋର୍ଟ ପ୍ରାପ୍ତ ହୋଇଛି । ଜୟପୁର ଏସଡ଼ିପିଓ ଏକ ରିପୋର୍ଟ ଉପ ଜିଲ୍ଲା ପାଳଙ୍କୁ ପ୍ରଦାନ କରିଥିଲେ । ଉକ୍ତ ଅଂଚଳ ଗୁଡ଼ିକରେ ଏପରି ଅନଧିକୃତ ପାର୍କିଂ ଏବଂ ବସ୍ ପରିଚାଳନା ଗୁରୁତର ଟ୍ରାଫିକ୍ ଭିଡ଼, ଜନସାଧାରଣଙ୍କ ମୁକ୍ତ ଗତିବିଧିରେ ବାଧା, ଜନସାଧାରଣଙ୍କ ଅସୁବିଧା, ମାନବ ଜୀବନ ଏବଂ ସୁରକ୍ଷା ପ୍ରତି ବିପଦ ଏବଂ ଜନସାଧାରଣଙ୍କ ଶୃଙ୍ଖଳା ଏବଂ ଶାନ୍ତି ପ୍ରତି ବ୍ୟାଘାତ ସୃଷ୍ଟି କରୁଛି କ୍ଷ ଯେଉଁଠାରେ, ଜୟପୁର ସହର ମଧ୍ୟରେ ଯାତ୍ରୀବାହୀ ବସ୍ ପାର୍କିଂ ଏବଂ ପରିଚାଳନା ପାଇଁ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନୂତନ ବସଷ୍ଟାଣ୍ଡ ପ୍ରତିଷ୍ଠା ଏବଂ ନିର୍ଦ୍ଦିଷ୍ଟ କରାଯାଇଛି । ବର୍ତମାନ, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ର ଧାରା ୧୬୩ ଅନୁଯାୟୀ ଉପ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ଉପଖଣ୍ଡ ମାଜିଷ୍ଟ୍ରେଟ, ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାୟକ କେତେକ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି । କୌଣସି ଘରୋଇ କିମ୍ବା ସାର୍ବଜନୀନ ଯାତ୍ରୀବାହୀ ବସ୍, ଷ୍ଟେଟ କ୍ୟାରେଜ୍ ବସ୍ ସମେତ, ପାରାବେଡା ଅଂଚଳ, ପୁରୁଣା ବସ୍ ଷ୍ଟାଣ୍ଡ ଅଂଚଳ କିମ୍ବା ଜୟପୁର ପୌରପାଳିକା ସୀମା ମଧ୍ୟରେ ସଂଲଗ୍ନ ସାର୍ବଜନୀନ ରାସ୍ତାରେ ଯାତ୍ରୀମାନଙ୍କୁ ପାର୍କିଂ, ଅଟକାଇବା, ଠିଆ କରିବା, ଚଢ଼ାଇବା କିମ୍ବା ଓହ୍ଲାଇବା ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ । ସକ୍ଷମ କର୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ । ସମସ୍ତ ବସ୍ ଅପରେଟର, ମାଲିକ, ୟୁନିଅନ୍, ଏଜେଂଟ ଏବଂ ଡ୍ରାଇଭରମାନେ ବାଧ୍ୟତାମୂଳକ ଭାବରେ କେବଳ ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କର ବସ୍ ପରିଚାଳନା ଏବଂ ପାର୍କିଂ କରିବେ । ନୂତନ ବସ୍ ଷ୍ଟାଣ୍ଡ, ଜୟପୁର । କୌଣସି ବ୍ୟକ୍ତି ପାରାବେଡା ଏବଂ ପୁରୁଣା ବସ୍ ଷ୍ଟାଣ୍ଡ ନିକଟରେ ରାସ୍ତାପାର୍ଶ୍ୱ ଅଂଚଳ, ସାର୍ବଜନୀନ ରାସ୍ତା କିମ୍ବା ଅନଧିକୃତ ଖୋଲା ସ୍ଥାନକୁ ଯାତ୍ରୀବାହୀ ବସ୍ ପାର୍କିଂ, ଅଟକାଇବା କିମ୍ବା ପରିଚାଳନା ପାଇଁ ବ୍ୟବହାର କରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି ।

ସେହିପରି ଜୟପୁର ପୋଲିସ ଷ୍ଟେସନର ଇନଚାର୍ଜ ଇନ୍ସପେକ୍ଟର, ଟ୍ରାଫିକ ପୋଲିସ କର୍ମଚାରୀ ଏବଂ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କୁ ଏହି ଆଦେଶକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ଏବଂ ଆଇନ ଅନୁଯାୟୀ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଆଦେଶକୁ ଉଲ୍ଲଂଘନ କରୁଥିବା ଯେକୌଣସି ବ୍ୟକ୍ତି ଆଇନର ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥା ସହିତ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ର ଧାରା ୨୨୩ ଅନୁଯାୟୀ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ ।ପରିସ୍ଥିତିର ଉତ୍କଟ ପ୍ରକୃତି ଏବଂ ନିରନ୍ତର ସାର୍ବଜନୀନ ଉପଦ୍ରବ, ଟ୍ରାଫିକ ଭିଡ଼ ଏବଂ ସାର୍ବଜନୀନ ଶାନ୍ତି ଭଙ୍ଗ ହେବାର ସମ୍ଭାବନାକୁ ବିଚାର କରି, ସାର୍ବଜନୀନ ସୁରକ୍ଷା ଏବଂ ସାର୍ବଜନୀନ ଶୃଙ୍ଖଳା ବଜାୟ ରଖିବା ପାଇଁ ଏହି ଆଦେଶ ଏକପାଖିଆ ଭାବରେ ପାସ୍ କରାଯାଇଛି ।ଏହି ଆଦେଶ ସାର୍ବଜନୀନ ଘୋଷଣା, ନୋଟିସ ବୋର୍ଡ ପ୍ରକାଶନ ଏବଂ ବ୍ୟାପକ ସାର୍ବଜନୀନ ସୂଚନା ପାଇଁ ଉପଯୁକ୍ତ ବିବେଚିତ ଅନ୍ୟାନ୍ୟ ପଦ୍ଧତି ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି ।ଏହି ଆଦେଶ ତୁରନ୍ତ ପ୍ରଭାବରୁ ବଳବତର ହେବ ଏବଂ ଜାରି ତାରିଖରୁ ୬୦ ଦିନ ପର୍ଯ୍ୟନ୍ତ ବଳବତର ରହିବ ବୋଲି ଉଲ୍ଲେଖ କରାଯାଇଛି ।

# ମହେଶ୍ୱରପୁର ଗ୍ରାମରେ ମସୁର ଫସଲର କ୍ଷେତ୍ର ଦିବସ ପାଳିତ: ଶତାଧିକ ଚାଷୀଙ୍କ ଯୋଗଦାନ

ଚମ୍ପୁଆ, ୩୧/୦୫ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଂଚାୟତର ମହେଶ୍ୱରପୁର ଗ୍ରାମରେ ମସୁର ଫସଲର କ୍ଷେତ୍ର ଦିବସ ପାଳନ ଅବସରରେ ଏକ ସାଧାରଣ ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଶତାଧିକ ଚାଷୀ ଯୋଗ ଦେଇଥିଲେ । ସଭାରେ ଚମ୍ପୁଆ ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା ଓ ସହକାରୀ କୃଷି ଅଧିକାରୀ ରମାମଣୀ ସାହୁ ଯୋଗ ଦେଇ ଚାଷୀ ମାନଙ୍କୁ ମସୁର ଚାଷର ଆଧୁନିକ ପ୍ରଣାଳୀ, ରୋଗ ପୋକ ପରିଚାଳନା ଏବଂ ଅଧିକ ଅମଳକ୍ଷମ ବିହନ ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ । ଏଥିସହିତ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ଫସଲର ସ୍ଥିତି ଓ ଏହାର ଲାଭ ବିଷୟରେ ଚାଷୀମାନଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରା ଯାଇଥିଲା ।

# କୋରାପୁଟ ଜିଲ୍ଲାରେ ଫୁଡ ପାର୍କ ପ୍ରତିଷ୍ଠା ନେଇ ଦାବି

ଜୟପୁର, ୩୧/୦୫ (ନି.ପ୍ର): ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ଚିରାଗ ପାସୱାନଙ୍କୁ ଚିଠି ଲେଖି ଫୁଡ ପାର୍କ ପ୍ରତିଷ୍ଠା କରିବାକୁ ଦାବି କରିଥିବାରୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି । ଓଡ଼ିଶାର କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାକୁ ନେଇ ଅବିଭକ୍ତ କୋରାପୁଟ ଅଂଚଳରେ ଏକ ଜାତୀୟ ମେଗା ଫୁଡ୍ ପାର୍କ ପ୍ରତିଷ୍ଠା କରିବାକୁ ଅନୁରୋଧ କରିଛନ୍ତି । ପାତ୍ର ରାଜ୍ୟର ଅବିଭକ୍ତ କୋରାପୁଟ ଅଂଚଳର ଅପାର ଅବ୍ୟବହୃତ ଖାଦ୍ୟ ପ୍ରକ୍ରିୟାକରଣ, ଆଦିବାସୀ ଜୀବିକା ଏବଂ କୃଷି-ଶିଳ୍ପ ସମ୍ଭାବନା ପ୍ରତି କେନ୍ଦ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଅଂଚଳ ଭାରତର ସବୁଠାରୁ ଅସାଧାରଣ କିନ୍ତୁ ଅନୁନ୍ନତ କୃଷି ଏବଂ ସଭ୍ୟତାଗତ ଭୂଦୃଶ୍ୟ ମଧ୍ୟରୁ ଗୋଟିଏ - ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବାଜରା ପରିବେଶ, ଆଦିବାସୀ କୃଷି ପରମ୍ପରା, ଜିଆଇ-ଟ୍ୟାଗ୍ ହୋଇଥିବା ଉତ୍ପାଦ, ଜୈବିକ କୃଷି ସମ୍ଭାବନା, ସ୍ୱଦେଶୀ ଖାଦ୍ୟ ପ୍ରଣାଳୀ ଏବଂ କୋରାପୁଟ କଫି ଏବଂ କୋରାପୁଟ କଳାଜୀରା ଚାଉଳ ଭଳି ବିଶ୍ୱ ସ୍ତରରେ ଉଦୀୟମାନ ଉତ୍ପାଦ ଏଠାରେ ଥିବା ନେଇ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ‘ଏସବୁ ଅସାଧାରଣ ଶକ୍ତି ସତ୍ତ୍ୱେ, ଏହି ଅଂଚଳରେ ଏପର୍ଯ୍ୟନ୍ତ ଏକ ବୃହତ ସମନ୍ୱିତ ଖାଦ୍ୟ-ପ୍ରକ୍ରିୟାକରଣ ଏବଂ ମୂଲ୍ୟ-ସଂଯୋଜନ ଇକୋସିଷ୍ଟମର ଅଭାବ ରହିଛି, ଯାହା କୃଷି ଉତ୍କର୍ଷକୁ ସ୍ଥାୟୀ ସମୃଦ୍ଧି, ଗ୍ରାମୀଣ ଶିଳ୍ପାୟନ, ରପ୍ତାନି-ସଂଯୋଜିତ ଅଭିବୃଦ୍ଧି ଏବଂ ଜନଜାତି ଆର୍ଥିକ ସଶକ୍ତିକରଣରେ ପରିଣତ କରିପାରିବ,‘ ବୋଲି କହିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରି, ବିଜେଡି ସାଂସଦ ଏହା ମଧ୍ୟ କହିଛନ୍ତି ଯେ, ଆଦିବାସୀ କୃଷି, ବାଜରା ଚାଷ, ସ୍ୱଦେଶୀ ଖାଦ୍ୟ ବ୍ୟବସ୍ଥା, ମହିଳା ନେତୃତ୍ୱାଧୀନ ଗ୍ରାମୀଣ ଉଦ୍ୟୋଗ ଏବଂ କୃଷକ-କେନ୍ଦ୍ରିକ ମୂଲ୍ୟସଂଯୋଜନ ଓଡ଼ିଶାର ଆକାଂକ୍ଷୀ ଅଂଚଳରେ ଦୀର୍ଘକାଳୀନ ଆର୍ଥିକ ପରିବର୍ତନ ଏବଂ ସାମାଜିକ ସଶକ୍ତିକରଣର ଉପକରଣ ହେବା ଆବଶ୍ୟକ । ଏହି ଅଂଚଳ ଆଜି ବିଶ୍ୱସନୀୟତା, ସାଂସ୍ଥାଗତିକ ଇକୋସିଷ୍ଟମ, କୃଷକ ଅଂଶଗ୍ରହଣ ଏବଂ ଏକ ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ବାଜରା ଏବଂ ଜନଜାତି କୃଷି-ପ୍ରକ୍ରିୟାକରଣ ହବ୍ ଭାବରେ ବିକଶିତ ହେବା ପାଇଁ ଆବଶ୍ୟକ କୃଷି ପରିଚୟ ପାଇଛି । କୋରାପୁଟ କଫିର ବର୍ଦ୍ଧିତ ବିଶ୍ୱସ୍ତରୀୟ ସ୍ୱୀକୃତି ଏବଂ କୋରାପୁଟ କଳାଜୀରା ଚାଉଳକୁ ପ୍ରଦାନ କରାଯାଇଥିବା ଜିଆଇ ମାନ୍ୟତା ଉପରେ ମଧ୍ୟ ଆଲୋକପାତ କରି କହିଛନ୍ତି ଯେ, ଏହି ବିକାଶଗୁଡ଼ିକ ଅଂଚଳର ଚାଷୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୁଯୋଗ ଖୋଲିଛି । ରାଜ୍ୟସଭା ସାଂସଦ ଆହୁରି ମଧ୍ୟ କହିଛନ୍ତି ଯେ, ସମନ୍ୱିତ ଖାଦ୍ୟ ପ୍ରକ୍ରିୟାକରଣ ଭିତିଭୂମି, ଶୀତଳ-ଶୃଙ୍ଖଳା ବ୍ୟବସ୍ଥା, ମୂଲ୍ୟ-ସଂଯୋଜନ ସୁବିଧା, ବ୍ରାଣ୍ଡିଂ ସମର୍ଥନ, ରପ୍ତାନି-ମୁଖୀ ପ୍ୟାକେଜିଂ ଇକୋସିଷ୍ଟମ, ପରୀକ୍ଷଣ ଏବଂ ପ୍ରମାଣୀକରଣ ଭିତିଭୂମି ଏବଂ କୃଷକ-ସଂଯୋଜିତ ପ୍ରକ୍ରିୟାକରଣ ଶିଳ୍ପ ବିନା, ଏହି ଅଂଚଳ ପ୍ରାଥମିକ ଉତ୍ପାଦନରେ ସୀମିତ ରହିବାର ଆଶଙ୍କା ରହିଛି ଯେତେବେଳେ ପ୍ରକୃତ ଅର୍ଥନୈତିକ ମୂଲ୍ୟ ଅନ୍ୟତ୍ର ସ୍ଥାନାନ୍ତରିତ ହେବା ଜାରି ରହିଛି । ସେ କେନ୍ଦ୍ର ମନ୍ତ୍ରଣାଳୟକୁ ପ୍ରଧାନମନ୍ତ୍ରୀ କିଷାନ ସମ୍ପଦ ଯୋଜନା ଢାଂଚା ଅଧୀନରେ ଅବିଭକ୍ତ କୋରାପୁଟ ଅଂଚଳ ପାଇଁ ଏକ ଜାତୀୟ ବାଜରା, ଜନଜାତି କୃଷି-ପ୍ରକ୍ରିୟାକରଣ ଏବଂ ଜିଆଇ ଉତ୍ପାଦ ମେଗା ଫୁଡ୍ ପାର୍କ ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିଥିଲେ, ଏହା ସହିତ ପ୍ରସ୍ତାବିତ ମେଗା ଫୁଡ୍ ପାର୍କ ଇକୋସିଷ୍ଟମ ମଧ୍ୟରେ ଏକ ଉତ୍ସର୍ଗୀକୃତ କୋରାପୁଟ କଫି ପ୍ରକ୍ରିୟାକରଣ, ବ୍ରାଣ୍ଡିଂ ଏବଂ ରପ୍ତାନି କେନ୍ଦ୍ର ସ୍ଥାପନ କରିବା ପାଇଁ ମଧ୍ୟ ଅନୁରୋଧ କରିଥିଲେ । ଆଦିବାସୀ ଏବଂ ଜିଆଇ-ଟ୍ୟାଗ୍ ହୋଇଥିବା ଉତ୍ପାଦ ପାଇଁ ଏକ କଳାଜୀରା ଚାଉଳ ମୂଲ୍ୟ-ସଂଯୋଜନ, ପ୍ୟାକେଜିଂ ଏବଂ ରପ୍ତାନି ସୁବିଧା, ସମନ୍ୱିତ ଖାଦ୍ୟ-ପରୀକ୍ଷଣ, ପ୍ରମାଣୀକରଣ, ପ୍ୟାକେଜିଂ, ବ୍ରାଣ୍ଡିଂ ଏବଂ ରପ୍ତାନି ଭିତିଭୂମି ପ୍ରତିଷ୍ଠା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ ଏବଂ ଆଦିବାସୀ ଉତ୍ପାଦକ ଗୋଷ୍ଠୀଗୁଡ଼ିକୁ ପ୍ରସ୍ତାବିତ ପ୍ରକ୍ରିୟାକରଣ ଇକୋସିଷ୍ଟମରେ ସମନ୍ୱିତ କରିବା ଏବଂ ଅବିଭକ୍ତ କୋରାପୁଟ ଅଂଚଳରେ ଶୀତଳ-ଶୃଙ୍ଖଳ, ଗୋଦାମ ଏବଂ କୃଷି-ଲଜିଷ୍ଟିକ୍ସ ଭିତିଭୂମିର ବିସ୍ତାର କରିବାକୁ ମଧ୍ୟ ଅନୁରୋଧ କରିଥିଲେ ।

# ଖରିଫ୍ ଧାନ ଚାଷ ପରବର୍ତୀ ପଡିଆ ଜମିର ପରିଚାଳନା ସମ୍ପର୍କିତ ଦିନିକିଆ ତାଲିମ୍

କନ୍ଧମାଳ, ୩୧/୦୫ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କୃଷୀ ବିଭାଗ ଖରିଫ୍ ଚାଷ ପରବର୍ତୀ ପଡିଆ ଜମିର ପରିଚାଳନା ସମ୍ପର୍କିତ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଘୁ. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି କୃଷକ ମାନଙ୍କୁ ଉତ୍ସାହିତ କରିବା ସହିତ ନିଜ ଜମିରେ ରାସାୟନିକ ସାର ପ୍ରୟୋଗ ପରିବର୍ତେ ଜୈବିକ ସାର ବ୍ୟବହାର କରିବାକୁ ଅନୁରୋଧ କରିଥିଲେ । ଏହି ତାଲିମରେ ଗୁଟିଙ୍ଗିଆ ପଂଚାୟତର ବିଭିନ୍ନ ଗ୍ରାମରୁ ୧୧୫ ଜଣ ଚାଷି ଯୋଗ ଦେଇଥିବା ବେଳେ ଅନୁଷ୍ଠାନ ତରଫରୁ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିଲେ । କୃଷି ଅଧିକାରି କିପରି ଧାନ କାଟିବା ପୂର୍ବରୁ ଓ ପରେ ଧଳା ମଟର ଚାଷ କରାଯାଇ ପାରିବ ତାହା ଚାଷି ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଯାହାକି କମ୍ ପାଣିରେ ଭଲ ଅମଳ ହୋଇପାରିବ ଏବଂ ଏହାକୁ ଏକ ବର୍ଷ ଧରି ଘରେ ରଖି ଖାଦ୍ୟ ରୂପେ ବ୍ୟବହାର କରାଯାଇପାରିବ । ତତ୍ ସହିତ ସାଇତା ଯାଇଥିବା ମଟରକୁ ଅଧିକ ଦରରେ ବିକ୍ରି କରି ଅଧିକ ଦୁଇପଇସା ରୋଜଗାର ମଧ୍ୟ କରିହେବ । ଖରିଫ୍ ଚାଷ ଅପେକ୍ଷା ରବି ଚାଷରେ କମ୍ ରୋଗ ପୋକ ଲାଗନ୍ତି ବୋଲି କୃଷି ବିଶେଷଜ୍ଞ ମାନେ ମତ ରଖିଥିଲେ । ବିଧାୟକ ଚାଷି ମାନେ କିପରି ନିଜ ନିଜର ଗାଇଗୋରୁ ମାନଙ୍କୁ ଆକଟ କରି ରଖିଲେ ଯାହା ସମସ୍ତ ଚାଷି ମାନଙ୍କୁ କୃଷି କରିବାରେ ସହାୟକ ହେବ ବୋଲି କହିଥିଲେ । ଆହୁରି ମଧ୍ୟ ପାଣିପାଗ ପରିବର୍ତନକୁ ଆଖି ଆଗରେ ରଖି ଚାଷିମାନେ କିପରି ଭାବେ ପୁରାତନ ଶଶ୍ୟ ଯଥା ମାଣ୍ଡିଆ, କୁଏରି, କାଙ୍ଗୁ ଚାଷ କରିପାରିବେ ତାହା ବୁଝାଇଥିଲେ । ତାଲିମରେ ପ୍ରଶିକ୍ଷକ ଭାବରେ ଟିକାବାଲି ଗୋଷ୍ଠି କୃଷି ଅଧିକାରି ସ୍ୱାଗତିକା ଦାସ, ସହ କୃଷି ଅଧିକାରି ଶୁଭସ୍ମିତା ସାହୁ , ସୁମିତ୍ରା ତୋପାନ, ଗାୟତ୍ରୀ ବେହେରା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନ ତରଫରୁ କୁସ ସାନସେଠ୍, ଅନନ୍ତ ମଲ୍ଲିକ, ଦିପେଶ ମହାକୁଡ, ପୁଜା ପ୍ରଧାନ, ଦାମିନୀ ପ୍ରଧାନ, ମିନ୍ନୟ ବେହେରା ଓ ମାଧୁରି ଦିଗାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।




ଓଜନ କମାଇବାକୁ ଆପଣ କରୁଛନ୍ତି କି ଉପବାସ ? ଜିରୋ ଫିଗର ପାଇଁ କିମ୍ବା ପତଳା ହେବାକୁ ଖାଇବାରେ କରୁଛନ୍ତି କି କାଣ୍ଟଛାଣ୍ଟ ? ଆଜିକାଲି ଦୁନିଆରେ ସମସ୍ତେ ପତଳା ହେବାକୁ ଇଚ୍ଛା କରୁଥିବା ବେଳେ ଡାଏଟ କରିବାରେ ସମସ୍ତେ ବ୍ୟସ୍ତ । ଯୁବପିଢି ତ ଓଜନ କମାଇବାକୁ ଅନେକ ବାଟ ବାଛୁଛନ୍ତି । ବେଶି ଟ୍ରେଣ୍ଡରେ ଅଛି ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ । ଏହାର ଅର୍ଥ ଦିନର ୨୪ ଘଣ୍ଟାରୁ ନିର୍ଦ୍ଦିଷ୍ଟ ସମୟ ଯାଏଁ ଉପାସ ରହିବା ଏବଂ ବାକି ସମୟ ଭିତରେ ଖାଦ୍ୟ ଖାଇବା । ଏହାର କିଛି ସୁଫଳ ଥିଲେ ବି କିଛି ଖରାପ ପ୍ରଭାବ ବି ରହିଛି , ଯାହା ଆପଣ ଜାଣିବା ନିହାତି ଜରୁରୀ । ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗର ଚଳଣୀ ଆଜିକାଲି ବଢ଼ିଚାଲିଛି । ଫିଟ୍ ବଡ଼ି ଓ ଭଲ ସ୍ୱାସ୍ଥ୍ୟ ପାଇଁ ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗର ସାହାଯ୍ୟ ନେଉଛନ୍ତି । ଏଥିରୁ ଓଜନ ତ କମିଥାଏ ରକ୍ତଚାପ ବି ନିୟନ୍ତ୍ରଣରେ ରୁହେ । ଅନ୍ୟପଟେ ଏହାର ଏକାଧିକ ନକାରାତ୍ମକ ପରିଣାମ ବି ରହିଛି ଯାହା ସର୍ଭେରୁ ଜଣାପଡ଼ିଛି । ପ୍ରଥମ କଥା ହେଉଛି ଆପଣ ଯଦି ଓଜନ କମାଇବା ଲକ୍ଷ୍ୟରେ ଉପବାସ କରିବାକୁ ଚାହୁଛନ୍ତି ତାହେଲେ ଆପଣଙ୍କୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ବା ଡାଏଟିସିଆନଙ୍କ ସହ ପରାମର୍ଶ କରିବା ଜରୁରୀ । ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗରେ ଟାଇମ୍ ପ୍ୟାଟର୍ଣ୍ଣ ବା ନିର୍ଦ୍ଧାରିତ ସମୟ ଧାର୍ଯ୍ୟ କରାଯାଏ । ନିକଟରେ ହୋଇଥିବା ସର୍ଭେରୁ ଜଣାପଡ଼ିଛି, ଏଥିରେ ୧୬ ଘଣ୍ଟା ଉପାସ ରହିବାକୁ ପଡ଼େ । କେହି କେହି ୧୨ ଘଣ୍ଟା ଉପାସ ରହିବା ସହ ଅନ୍ୟ ୧୨ ଘଣ୍ଟା ଭିତରେ ଯାହା ଖାଇଥାନ୍ତି । ଆଉ କେହି ୧୦ ଘଣ୍ଟା ଉପାସ ରୁହନ୍ତି । ତେଣୁ ଏହି ଉପାସକୁ ୧୬:୮ ପ୍ୟାଟର୍ଣ୍ଣ କୁହାଯାଏ କିନ୍ତୁ ଏହା ହାର୍ଟ ଉପରେ ପ୍ରଭାବ ପକାଏ , ହାର୍ଟ ସମ୍ପର୍କୀତ ସମସ୍ୟା ବଢ଼ିଥାଏ । ଏହାସହ କ୍ୟାନ୍ସର ଓ ଅନ୍ୟ ଘାତକ ରୋଗର କାରଣ ହୋଇପାରେ । ଏଥିରେ ମଧୁମେହ ସମସ୍ୟା ଥିବା ଲୋକଙ୍କ ପାଇଁ ଆଦୌ ଗ୍ରହଣୀୟ ନୁହେଁ । ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଉପାସ କଲେ ହେଉଥିବା ସମସ୍ୟା ଭିତରେ ଚିଡ଼ଚିଡ଼ାପଣ ଅନୁଭବ ହେବା । ମୁଣ୍ଡ ବିନ୍ଧିବା, ଶରୀରରେ ପୋଷଣର ଅଭାବ ଦେଖାଦେବା, ଅଧିକ ଭୋଗ ଲାଗିବା ସହ ହାଲିଆ ଲାଗିବା । ତଥାପି ଯଦି ଆପଣ ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ କରିବାକୁ ଚାହୁଛନ୍ତି ତେବେ ପ୍ରଥମେ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ ଏବଂ ନିଜ ପୋଷଣଯୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ ଦିଅନ୍ତୁ । ଫଳ, ସବୁଜ ପନିପରିବା, ସାଗୁ ପରି ପୋଷଣଯୁକ୍ତ ଖାଦ୍ୟ ଖାଆନ୍ତୁ । ଯଦି ଦେହରେ କିଛି ଅସହଜ ଅନୁଭବ କରନ୍ତୁ ତାହେଲେ ତୁରନ୍ତ ଉପବାସ ବନ୍ଦ କରନ୍ତୁ । କହିବାର ଅର୍ଥ ଓଜନ କମାଇବା ବଦଳରେ ଯେପରି କିଛି କ୍ଷତି ନହୁଏ ତାକୁ ଦୃଷ୍ଟିରେ ରଖନ୍ତୁ , ନିଜ ଶରୀରକୁ ଚାହିଁ ଉପବାସ କରନ୍ତୁ ।




ଆମ ଶରୀରକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କିଛି ଭିଟାମିନ୍ ନିତାନ୍ତ ଆବଶ୍ୟକ। ସେଥିମଧ୍ୟରୁ ଭିଟାମିନ୍ ବି୧୨ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଅତ୍ୟାବଶ୍ୟକ ଭିଟାମିନର ଅଭାବ ଅନେକ ଶାରୀରିକ ସମସ୍ୟାର କାରଣ ବନିପାରେ।

ଭିଟାମିନ୍ ବି୧୨ର ଅଭାବ କେବଳ ମାନସିକ ସମସ୍ୟା ନୁହେଁ ବରଂ ପେଟ ସମସ୍ୟା ମଧ୍ୟ ସୃଷ୍ଟି କରେ। ଆଜିକାଲି, ଆମର ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ହେତୁ ଭିଟାମିନ୍ ବି୧୨ର ଅଭାବ ଦେଖାଦିଏ। ଏହା ଶରୀରରେ ସମସ୍ୟା ସୃଷ୍ଟି କଲେ, ଆମେ ଔଷଧ ଏବଂ ସପ୍ଲିମେଣ୍ଟ୍ ଖାଇବା ଆରମ୍ଭ କରିଥାଉ।

ଭିଟାମିନ୍ ବି୧୨ ଅଭାବର ଲକ୍ଷଣଗୁଡ଼ିକ ବିଷୟରେ ସଚେତନ ରହିବା ଏବଂ ଲକ୍ଷଣଗୁଡ଼ିକ ଅତିରିକ୍ତ ହେବା ପୂର୍ବରୁ ଶରୀରରେ ବି୧୨ ସ୍ତର ପରୀକ୍ଷା କରି ସତର୍କ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ବାରମ୍ବାର ପେଟ ପୋଡ଼ା, ଗ୍ୟାସ୍, ବଦହଜମୀ କିମ୍ବା ଥକ୍କା ଅନୁଭବ କରନ୍ତି, ତେବେ ଏହା ବି୧୨ ଅଭାବ ଯୋଗୁଁ ହୋଇପାରେ। ଆସନ୍ତୁ ଭିଟାମିନ୍ ବି୧୨ ଅଭାବରୁ ଉପୁଜିପାରୁଥିବା ପେଟ ସମସ୍ୟା ଏବଂ ସେଗୁଡ଼ିକୁ ଦୂର କରିବା ପାଇଁ କ'ଣ ଖାଇବା ଉଚିତ ସେ ସଂପର୍କରେ ଜାଣିବା।

ଗ୍ୟାସ୍ ଏବଂ ବଦହଜମୀ: ବି୧୨ ଅଭାବ ପାଚନ କ୍ରିୟାକୁ ଦୁର୍ବଳ କରିଦିଏ। ଏହା ଖରାପ ପାଚନ, ଗ୍ୟାସ୍ ଏବଂ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରେ।

ଭୋକ ନ ଲାଗିବା: ଯେତେବେଳେ ଶରୀରରେ ବି୧୨ ସ୍ତର କମ୍ ଥାଏ, ସେତେବେଳେ ଭୋକ ମଧ୍ୟ କମିଯାଏ। ଯାହା ଶରୀରକୁ ଆବଶ୍ୟକୀୟ ପୁଷ୍ଟିକର ପଦାର୍ଥ ପାଇବାରୁ ବାଧା ଦିଏ।

ଜଳାପୋଡ଼ା ଏବଂ ଫୁଲା: ଭିଟାମିନ୍ ବି୧୨ ଅଭାବ ପେଟର ଭିତର ଭାଗକୁ ପ୍ରଭାବିତ କରେ, ଯାହା ଜ୍ୱଳନ ଏବଂ ଫୁଲା ସୃଷ୍ଟି କରିପାରେ।

କୋଷ୍ଠକାଠିନ୍ୟ କିମ୍ବା ଡାଇରିଆ: ଯେତେବେଳେ ଶରୀରରେ ଭିଟାମିନ୍ ବି୧୨ ଅଭାବ ଥାଏ, ସେତେବେଳେ କୋଷ୍ଠକାଠିନ୍ୟ ଏବଂ ଡାଇରିଆ ହୋଇପାରେ।

ବାନ୍ତି : କିଛି ଲୋକ ବି୧୨ ଅଭାବ ଯୋଗୁ ପେଟରେ ଭାରୀ ହେବାର ଏକ ଅଦ୍ଭୁତ ଅନୁଭବ ଏବଂ ବାନ୍ତି ଅନୁଭବ କରନ୍ତି।

## ଏକୁଟିଆପଣ ନେଉଛି ଜୀବନ : ପ୍ରତିଘଣ୍ଟାରେ ଯାଉଛି ୧୦୦ଜଣଙ୍କ ଜୀବନ

ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି । ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଜିକାଲି ବ୍ୟସ୍ତବହୁଳ ଜୀବନଶୈଳୀରେ କାହା ପାଖରେ କାହା ପାଇଁ ସମୟ ନାହିଁ । ସକାଳୁ ଉଠି ରାତି ପର୍ଯ୍ୟନ୍ତ ସମସ୍ତେ କେବଳ ଧାଉଁଛନ୍ତି । ପରସ୍ପରକୁ ଟପିବାର ପ୍ରତିଯୋଗିତାରେ ପରସ୍ପରକୁ ହିଁ ଭୁଲି ଯାଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ୮୦୦ କୋଟି ଟପିଲାଣି ବିଶ୍ୱ ଜନସଂଖ୍ୟା, ତଥାପି କିଛି ମଣିଷ ଆଜି ଏକୁଟିଆ । ଘରଠୁ ନେଇ ରାସ୍ତାଘାଟ, ଅଫିସ, ସାଙ୍ଗସାଥିଙ୍କ ସହ ଖଟି ପରେ ବି କିଛି ମଣିଷ ଆଜି ନିଃସ୍ୱ । ଏକଥା ଆମେ କହୁନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗବେଷଣାରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ତଥ୍ୟ । ରିପୋର୍ଟ ଅନୁଯାୟୀ ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍‌ଲିନେସ୍ ବା ଏକୁଟିଆପଣ । ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ ।

କେବେ କେବେ ଡେରିରେ ଅଫିସରେ ଫେରିବା ହେଉ କିମ୍ବା ସୁଟିଂ ସାରୁ ସାରୁ ବିଳମ୍ବିତ ରାତି ହେଇଯିବା ହେଉ... ଅବା କେଉଁ କାମରେ ଫସିବା କିମ୍ବା ସଉକରେ କେହି କେହି ବିଳମ୍ବିତ ରାତିରେ ଖାଉଥିବା ଦେଖିବାକୁ ମିଳୁଛି । ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏହା ଏବେ ହେଇ ପାରୁନି । ତେବେ ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ...




- -ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
- -ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
- -ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
- -ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
- -ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
- -ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
- -ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
- -ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
- -ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
- -ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
- -ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
- -ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ
- -ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
- -ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ

ତେଣୁ କଥାରେ ଅଛି ଶହେ କାମ ଛାଡି ଭୋଜନ କର । ଖାଦ୍ୟ ଖାଇଲେ ହିଁ ଆମ ଶରୀର ପୋଷଣ ପାଇଥାଏ। କିନ୍ତୁ ଖାଦ୍ୟ ଆମେ ଭୋକ ଲାଗିଲେ ଖାଉ ଏବଂ ଲୋଭରେ ବି ଖାଉ। ଲୋଭରେ ଖାଇଲେ ତାହା ଆମର ପୁଷ୍ଟି ସାଧନ ନ କରି ଅହିତ କରିଥାଏ। ସୁତରାଂ ଭୋକ ଲାଗିଲେ ହିଁ ଖାଇବା ଉଚିତ। ଭୋକ ନ ଥାଇ ଖାଦ୍ୟ ଲୋଭରେ ଖାଇବା ଉଚିତ ନୁହେଁ। ପୁଣି ଖାଦ୍ୟ ଖାଇବାର ଗୋଟିଏ ନିର୍ଦ୍ଦିଷ୍ଟ ସମୟ ରହିବା ଉଚିତ। ଯେତେବେଳେ ଇଚ୍ଛା ସେତେବେଳେ ଖାଇବା ଏବଂ ବିଳମ୍ବିତ ରାତିରେ ଖାଇବା ଉଚିତ ନୁହେଁ। ଆୟୁର୍ବେଦ ଶାସ୍ତ୍ର ମତରେ ସକାଳର ଖାଇବାଟା ରାଜକୀୟ ଭୋଜନ ପରି ଗରିଷ୍ଠ ହେବା ଉଚିତ। ମଧ୍ୟାହ୍ନଭୋଜନ ତା'ଠୁ ହାଲୁକା ଏବଂ ସନ୍ଧ୍ୟାକାଳୀନ ଭୋଜନ ସବୁଠୁ ହାଲୁକା ହେବା ଉଚିତ। ବିଳମ୍ବିତ ରାତିରେ ଆଦୌ ଖାଇବା ଉଚିତ ନୁହେଁ। ରାତିରେ ଶୋଇବା ପୂର୍ବରୁ ଆପଣ ଛୋଟ କାଚ ଗ୍ଲାସ୍‌ରେ ଏକ ଗ୍ଲାସ୍ ଦେଶୀ ଗାଈ କ୍ଷୀର ପିଇ ଶୋଇପାରିବେ। କିନ୍ତୁ କ୍ଷୀର ପିଇସାରି କୁଳି କରିବା ନିହାତି ଆବଶ୍ୟକ, ନ ହେଲେ ଦାନ୍ତ ପୋକ ଖାଇବ। ବିଳମ୍ବିତ ରାତିରେ ବା ମଧ୍ୟରାତ୍ରିରେ ଯେଉଁମାନେ ?ଭୋଜନ କରନ୍ତି ତାକୁ ରାକ୍ଷସୀ ଭୋଜନ କୁହାଯାଏ। ସ୍ନାନ, ଦାନ, ଭୋଜନ ଓ ଭଜନ- ଏ ଚାରିଟି ଆମ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାକୁ ପ୍ରତ୍ୟହ ନିର୍ଦ୍ଦିଷ୍ଟ ସମୟରେ କରିବା ଉଚିତ। ଶାସ୍ତ୍ରରେ ଅଛି-

''ଶତଂ ବିହାୟ ଭୋକ୍ତବ୍ୟଂ ସହସ୍ରଂ ସ୍ନାନମାଚରତ୍।
ଲକ୍ଷଂ ବିହାୟ ଦାତବ୍ୟଂ କୋଟିଂ ତ୍ୟକ୍ତ୍ୱା ହରିଂ ଭଜେତ୍।।''
(ସୁଭାଷିତ)

ଅର୍ଥାତ୍, ଶହେ କାମ ଛାଡି ଭୋଜନ କର, ହଜାରେ କାମ ଛାଡି ସ୍ନାନ କର, ଲକ୍ଷେ କାମ ଛାଡି ଦାନ କର ଏବଂ କୋଟିଏ କାମ ଛାଡି ହରିଙ୍କୁ ଭଜନ କର।

ଶହେ କାମ ଛାଡ଼ି ଭୋଜନ କର, ମାନେ ଯଦି ଭୋଜନର ସମୟ ହୋଇଯାଇଛି ଓ ଭୋକ ହେଉଛି, ତେବେ ଅନ୍ୟ ସବୁ କାମ ଛାଡ଼ି ଆଗେ ଭୋଜନ କରିବା ଉଚିତ। କାରଣ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କଲେ ତାହା ଆମ ଦେହର ଅଭ୍ୟାସଗତ ହୋଇଯାଇଥାଏ। ସେଥିରେ ବିଳମ୍ବ ବା ଅନିୟମିତତା ହେଲେ ଆମ ହଜମ ଶକ୍ତି ଉପରେ ପ୍ରଭାବ ପଡ଼େ। ଖାଦ୍ୟ ହଜମ କରିବା ପାଇଁ ଆମ ଶରୀରରେ ଏକ ପ୍ରକାର ଅମ୍ଳ ସୃଷ୍ଟି ହୁଏ, ଯାହାକୁ ଇଂରାଜୀରେ କୁହାଯାଏ ହାଇଡ୍ରୋକ୍ଲୋରିକ୍ ଏସିଡ୍ ବା ଲବଣାମ୍ଳ। ପେଟ ଯଦି ଦୀର୍ଘ ସମୟ ଧରି ଖାଲି ରହେ ଏବଂ ଏହା ଦିନ ଦିନ ଧରି ଘଟେ, ତେବେ ସେହି ଅମ୍ଳ ଆମର ଅନ୍ତନଳୀର ମ୍ୟୁକସ୍ ମେମ୍ବ୍ରେନକୁ ଖାଇଯାଏ। ଫଳରେ ପେଟରେ ଘାଆ ସୃଷ୍ଟି ହୁଏ, ଯାହାକୁ ଷ୍ଟୋମାକ୍ ଅଲ୍‌ସର କୁହାଯାଏ। ଶୀଘ୍ର ଚିକିତ୍ସା ନ କଲେ ତାହା ମାରାତ୍ମକ ହୋଇପାରେ। ତେଣୁ ନିୟମିତଭାବେ ଠିକ୍ ସମୟରେ ଖାଇବା ଉଚିତ। ପୁଣି ଖାଦ୍ୟ ତ ଆମକୁ କାମ କରିବା ପାଇଁ ବଳ ଯୋଗାଇଥାଏ। ଆମେ ଖାଇବାନି ଯଦି ଅନ୍ୟସବୁ କାମ କରିବା ପାଇଁ ବଳ ପାଇବା କିପରି ? ତେଣୁ ଶହେ କାମ ଛାଡ଼ି ଆଗ ଖାଇବା ପାଇଁ ପରାମର୍ଶ ଦିଆଯାଇଛି।




ପାଗ ପରିବର୍ତ୍ତନ ହେବା ମାତ୍ରେ ଘରର କାନ୍ଥରେ ଝିଟିପିଟି ବୁଲୁଥିବାର ଦେଖାଯାଏ। କେତେବେଳେ ବାଥରୁମରେ ଏବଂ କେତେବେଳେ ରୋଷେଇ ଘର ଏବଂ ଶୟନ କକ୍ଷର କାନ୍ଥରେ ଦେଖାଯାଉଥିବା ଝିଟିପିଟି କେବଳ ଭୟ ସୃଷ୍ଟି କରେ ନାହିଁ ବରଂ ସ୍ୱାସ୍ଥ୍ୟ ପାଇଁ ବିପଦ ମଧ୍ୟ ହୋଇପାରେ। ପ୍ରକୃତରେ, ଝିଟିପିଟିର ମଳ ଏବଂ ଲାଳରେ ସାଲମୋନେଲା ନାମକ ଏକ ବ୍ୟାକ୍ଟେରିଆ ମିଳିଥାଏ, ଯାହା ଖାଦ୍ୟକୁ ବିଷାକ୍ତ ସୃଷ୍ଟି କରିପାରେ। ଏପରି ପରିସ୍ଥିତିରେ, ସେମାନଙ୍କୁ ଘରୁ ଦୂରରେ ରଖିବା ଭଲ।

ଝିଟିପିଟି ଦୂର କରିବା ପାଇଁ ଲୋକମାନେ ପ୍ରାୟତଃ ରାସାୟନିକ ସ୍ପ୍ରେ ବ୍ୟବହାର କରନ୍ତି, କିନ୍ତୁ ଏହା ସ୍ୱାସ୍ଥ୍ୟ ଏବଂ ପିଲାମାନଙ୍କ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ। ଏପରି ପରିସ୍ଥିତିରେ, ରୋଷେଇ ଘରେ ଥିବା ମସଲା ଏବଂ କିଛି ଘରୋଇ ଉପଚାର ସାହାଯ୍ୟରେ ଝିଟିପିଟିକୁ ବିନା କୌଣସି ଖର୍ଚ୍ଚରେ ଘଉଡ଼ାଇ ଦିଆଯାଇପାରିବ।

ଅଣ୍ଡା ଖୋଳ - ଘରେ ଯେଉଁ ସ୍ଥାନରେ ଝିଟିପିଟି ଅଧିକ ଆସନ୍ତି ସେଠାରେ ଅଣ୍ଡା ଖୋଳ ରଖନ୍ତୁ। ଝିଟିପିଟି ଏହାର ଗନ୍ଧ ଯୋଗୁଁ ସେହି ସ୍ଥାନରୁ ଦୂରେଇ ଯାଆନ୍ତି।

ନାପଥାଲିନ୍ ବଟିକା - କୀଟପତଙ୍ଗଠାରୁ ପୋଷାକକୁ ସୁରକ୍ଷା ଦେଉଥିବା ଏହି ବଟିକା ମଧ୍ୟ ଝିଟିପିଟିକୁ ପାଖକୁ ଆସିବାକୁ ଦିଏ ନାହିଁ। ଏପରି ପରିସ୍ଥିତିରେ, ଆପଣ ଏହି ବଟିକାଗୁଡ଼ିକୁ ଆଲମାରୀରେ କିମ୍ବା ଉଚ୍ଚ ସ୍ଥାନରେ ରଖିପାରିବେ, ଯାହା ଫଳରେ ଘରେ ଝିଟିପିଟି ଦେଖାଯିବ ନାହିଁ।

କଳା ଗୋଲମରିଚ ସ୍ପ୍ରେ - ଆପଣ କଳାମରିଚକୁ ଗୁଣ୍ଡ କରି ପାଣିରେ ମିଶାଇ ଏକ ସ୍ପ୍ରେ ତିଆରି କରିପାରିବେ। ଏହା ପରେ, ଆପଣ ଯେଉଁଠାରେ ଝିଟିପିଟି ଦେଖନ୍ତି ସେଠାରେ ସ୍ପ୍ରେ କରନ୍ତୁ। ଝିଟିପିଟି ଏହାର ଗନ୍ଧ ଏବଂ ଜ୍ୱଳନ ଯୋଗୁଁ ପଳାଇଯାଏ।

ରସୁଣ ଏବଂ ପିଆଜ - ଝିଟିପିଟି ରସୁଣ ଏବଂ ପିଆଜର ତୀବ୍ର ଗନ୍ଧକୁ ଆଦୌ ପସନ୍ଦ କରନ୍ତି ନାହିଁ। ରସୁଣ ପାଖୁଡାକୁ କବାଟ ଏବଂ ଝରକାରେ ରଖନ୍ତୁ କିମ୍ବା ଆପଣ ପିଆଜ-ରସୁଣ ସ୍ପ୍ରେ ପ୍ରସ୍ତୁତ କରି ପକାଇପାରିବେ, ଯାହା ଦ୍ୱାରା ଘରେ ଝିଟିପିଟି ଦେଖାଯିବ ନାହିଁ।

ଡାଲଚିନି ଏବଂ ଲେମ୍ବୁ ପୁଦିନା - ଡାଲଚିନି ପାଉଡର କିମ୍ବା ଏହାର ତେଲ ଝିଟିପିଟିକୁ ଦୂରେଇ ରଖେ। ଅନ୍ୟପକ୍ଷରେ, ଲେମ୍ବୁ ଏବଂ ପୋଦିନା ରସ ସ୍ପ୍ରେ କରିବା ଦ୍ୱାରା ମଧ୍ୟ ଝିଟିପିଟି ଘରୁ ଦୂରେଇ ରହେ।

ସିଦ୍ଧେଶ୍ୱର ତ୍ରିପାଠୀ

# ଝିଅ ଆଉ ମୋବାଇଲ୍



ମାଧିଆ ଛୋଟିଆଟିଏ ହେଇଥିଲା ତା ବାପା ମରିଗଲା। ମାଆଟା ବିଚରା କାମଦାମ କରି ପିଲା ଗୁଡାଙ୍କୁ ବଡ଼ କରିଦେଲା। କଣ ନକିରିଛି ସେ ପର ଘରେ ବାସନ ମାଜିଛି ବିଲରେ କାମ କରିଛି। ପଧାନେ ଘର ପୋଖରୀ ଖୋଳି ଯାଇଥିଲା ଯେ ରାତିକୁ ମଜୁରୀ ଆଣିବାକୁ ଯିବା ବେଳକୁ ପଧାନଙ୍କ ସେ ଯୋଉ ଭାଷା ଆଉ ଲୋଲୁପ ଦୃଷ୍ଟି ଆଉ ତା ଦେହଟାକୁ ଉପଭୋଗ କରିବାକୁ ଯୋଉ ଟଣା ଓଟରା, ସେ ଦିନ ଆଉ ନାହିଁ । ମାଧିଆର ମା ଆଉ ପାରିକୁ ଗଲାଣି ମାଧିଆର ଚାରି ଚାରିଟା ଭଉଣୀ ବାହା ସାହା ହେଇ ଯେଝା ଦୁଃଖରେ ଯିଏ ଅଛନ୍ତି ।

ମାଧିଆ ବି ବାହା ହେଲାଣି ତାର ପୁଅ ଝିଅ ଯୋଡ଼େ ହେଲେଣି । ମାଧିଆର ସ୍ତ୍ରୀ କୁନି ସିଏ କଣ କମ କି ଭାରି ପରିଶ୍ରମୀ । ଘର ଯାକର ପାଇଟି ସାରିଲା ପରେବି ସେ ବାଇରେ ଫସଲ କରେ କୁଲା ଥାଳିରେ ବଡ଼ି ପକାଏ ଆଚାର କରେ ଏମିତି କେତେ କ'ଣ ।

ଆଉ ସେ ପୁରୁଣା ଦିନ ନାହିଁ ମ ମାଧିଆ ଗାଁ କୁ ପକା ରାସ୍ତା ହେଇଛି । ଗାଁକୁ ବିଜୁଳି ପାଇପ ପାଣି ପୁଣି ନଳକୂପ ବିଦ୍ୟାଳୟ ବ୍ୟାଙ୍କ ଡାକଘର ଡାକ୍ତରଖାନା ପଶୁ ଚିକିତ୍ସାଳୟ ବସ୍ ଷ୍ଟାଣ୍ଡ ପାଣି ପଞ୍ଚାୟତ ଏଟିଏମ ଆଉ ପେଟ୍ରୋଲ ପମ୍ପ ବଡ଼ ବଜାର କଣ ନାହିଁ କହିଲ ଏ ହରିପୁର ଗାଁ ଏବେ ସହର ଭଳି ଲାଗୁଛି । ତା ସାଙ୍ଗକୁ ନଈ ପାହାଡ଼ ଝରଣା ଏ ବଣ ଜଙ୍ଗଲ ଆଉ ନଈ ସେପଟେ ରେଳ ଗାଡିର ଛୁକ ଛୁକ ଶବ୍ଦ କବି ପ୍ରକୃତି ପ୍ରେମୀ ଆଉ ଚିତ୍ରକରଙ୍କୁ ବିମୋହିତ କରିବାକୁ ଯଥେଷ୍ଟ ।

ମାଧିଆ ଆଉ ଦାଦନ ଯାଉନି ଗାଁ ପାଖରେ ବଡ଼ କମ୍ପାନୀ ଖୋଲିଛି ମାଧିଆ ସେଠି କାମ କରେ ଭଲ ଦି ପଇସା ପାଏ। ଘର ଚଳେଇ ଯାହା ବଳିଥିଲା ସେଥିରେ ଜମି ଦିଇଟା କିଣିଛି। କମ୍ପାନୀ କାମରୁ ଫୁରୁସତ ମିଳୁନି ବୋଲିତ ସେ ପାଖ ଗାଁର ରଘୁକୁ ଜମି ଧୂଳି ଭାଗକୁ ଦେଇ ଘରେବସି ବର୍ଷକୁ ସାତ ଆଠ ବସ୍ତା ଧାନ ପାଉଛି।

ଏବେ ପୁଅଟା ତାର ପଞ୍ଚମ ପଢୁଛି। ତା ନାଁ ରାଜା ଆଉ ଝିଅ ରିଙ୍କିର ଏଇ ବର୍ଷ ଦଶମ ସରିବ ସେ କଲେଜ ଯିବ । କଲେଜ ଏଠୁ ଦଶ କିଲୋମିଟର ତା ପାଇଁ ଗୋଟେ ସାଇକେଲ ଆଣିବାକୁ ପଡିବ । ସରକାରୀ ସହାୟତାରେ ଘର ପକା ହେଇଯାଇଛି ପାଇଖାନା ବି ହେଇଛି। ଆଉ ଯାହା ଯୁଆଡେ ରଖିଥିଲା ସେଥିରେ ଆଉ ଦି ବଖରା ପକା ଘର କରି ଦେଇଛି । ସରକାର ତ ଝିଅକୁ ସାଇକେଲ ଦେଲେ ସେ ଚିନ୍ତାବି ଗଲା।

ଝିଅ ଭଲ ମାର୍କ ରଖି ଦଶମ ପାସ କରିଛି ତାହା ପୁଣି ଶତକଡା ସତୁରି ଭାଗ ନମ୍ବର ରଖି। ମାଧିଆ ସେକଥା ଜାଣିନି ସେ ଏତିକି ଜାଣେ ମୁଁ ମୂର୍ଖ ଲୋକ ମୋ ଝିଅ ଦଶମ ପାସ କରିଛି । କଲେଜ ଯିବ ପାଠ ପଢିବ ଭଲ ଚାକିରୀ କରି ମୋ ନାଁ ରଖିବ ବଡ଼ ହାକିମ କୁ ବାହା ହବ ଏଇଆ ତ ଆଉ କଣ ? ଗାଁ ଠାକୁରାଣୀଙ୍କ ପାଖରେ ନଡ଼ିଆଟେ ବାଡେଇ ଦି ପୁଡ଼ିଆ ମିଠା ନେଇ ଗୋଟେ ସ୍କୁଲ ଶିକ୍ଷକମାନଙ୍କୁ ଆଉ ଗୋଟେ ଟିଉସନ ସାର୍‌ଙ୍କୁ ଦେଇ ଆସିଛି । ଆଉ ଘର ଲୋକ ଆଉ ପାଖ ପଡ଼ୋଶୀଙ୍କ ପାଇଁ ବି କିଛି ଆଣିଛି ।

ସମୟ ସାଥିରେ ଝିଅ କଲେଜରେ ନାଁ ଲେଖିଲା ପାଠ ପଢିଲା। ତା ପାଇଁ ଗୋଟେ ମୋବାଇଲ୍ ବି କିଣା ହେଲା। ଆଏ ପାସ କରି ସେ ସେଇ କଲେଜରେ ବିଏ ପଢିଲାଣି।

ଆଉ ଛୋଟ ମୋବାଇଲ ଭଲ ଲାଗୁନି ବୋଲି ରିଙ୍କି ତା ବାପକୁ କହିଲା । କିସ୍ତିରେ ବଡ଼ ମୋବାଇଲ୍ ଆସିଲା ତାହା ପୁଣି ତିରିଶ ହଜାର। ବହି ଖାତା କଲମ ଘର ଖର୍ଚ୍ଚ ପିଲା ଦିଇଟାଙ୍କ ସ୍କୁଲ କଲେଜ ଟିଉସନ ଖର୍ଚ୍ଚ ମାଧିଆ କିନ୍ତୁ କଷ୍ଟେ ମଷ୍ଟେ ଚଲେଇଥାଏ ତାର ସଂସାର।

ସବୁ ଠିକ୍ ଠାକ ଚାଲିଥିଲା ଏବେ କିନ୍ତୁ କିଛି ବଦଳି ଯାଇଛି ସମୟ, ଝିଅର ଚାଲି ଚଳନରେ ଆସିଛି କେତେ ପରିବର୍ତ୍ତନ । ସେ ପାଠ ପଢିବ କହି ଅଲଗା ଘରେ ଏକୁଟିଆ ଶୋଉଛି। ଆଉ ପାଠ ନପଢ଼ି ଫୋନରେ ଗପୁଛି । ସେଇ ଗପରେ ହସ ଗମାତ ଅଭିମାନ କେତେ କଣ ଚାଲିଛି । ଏବେ ଥରେ ଭିଡିଓ କଲରେ କଣ କୋଉ ପୁଅ ସହିତ ଗପୁଥିଲା ବୋଲି ମା ତାର ଆକଟ କରିଥିଲା। ହେଲେ ସେ ଯେମିତିକୁ ସେମିତି । ମାଧିଆ ଏସବୁ ଶୁଣି ଝିଅକୁ ବୁଝାଏ ହେଲେ ସେ ବୁଝିଲେତ ! ରିଙ୍କି ଏବେ ପୁରା ଅବାଟକୁ ଚାଲି ଗଲାଣି କଲେଜର କୋଉ ଏକ ଟୋକା ରାଜେଶକୁ ସେ ଭଲ ପାଉଛି । ତା ସହିତ ମିଳା ମିଶା ହସଖୁସି ଆଉ କଲେଜ ନଯାଇ ହୋଟେଲ ବଜାର ଆଉ ପାର୍କରେ ବହୁତ ସମୟ ବିତୁଛି ।

ଏବେ କିନ୍ତୁ ଘର ବୁଡି ପାଣି ଆଣ୍ଠିଏ। ରିଙ୍କିର ସେ ପୁଅ ସହିତ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଏ ମୋବାଇଲ୍‌ରୁ ସେ ମୋବାଇଲ୍‌କୁ ଘୁରି ବୁଲୁଛି। ଏକଥା ଦାଣ୍ଡରେ ପଡି ହାଟରେ ଗଡ଼ ଗଡେଇ ଲାଣି । କଲେଜରୁ ଗାଁ, ଗାଁରୁ ସହର ସହରରୁ ରାଇଜ ସାରା ଏ ଭିଡିଓ ଏବେ ଚର୍ଚ୍ଚାରେ। କିଛି ଅସାମାଜିକ ବ୍ୟକ୍ତି ନିଆଁରେ ଘିଅ ଢାଳିଲା ପରି ଏହାକୁ ବହୁ ମାତ୍ରାରେ ପ୍ରଚାରିତ କରୁଛନ୍ତି । ରିଙ୍କି ସିଧା ଯାଇ ରାଜେଶକୁ ଏକଥା ପଚାରିଲା ।

ଏକଥା ଶୁଣି ରାଜେଶର ଠୋ ଠୋ ହସ ଆଉ କଟୁକ୍ତି ରିଙ୍କିକୁ ବହୁତ ବାଧିଲା । ଯାହାକୁ ସେ ଏତେ ଭଲ ପାଉଥିଲା ବିଶ୍ୱାସରେ ଦେହ ମନ ଜୀବନ ସବୁ ସମର୍ପି ଦେଇଥିଲା। ସେ ଆଜି ତା ସହିତ ଛଳନା କରିଛି ପ୍ରତାରଣା କରିଛି । ତାକୁ ସହଜରେ ଠକି ଦେଇ ତା ବିଶ୍ୱାସରେ ବିଷ ଦେଇଛି । ଯିଏ ତାକୁ ଦୁନିଆର ସବୁଠୁ ସୁନ୍ଦରୀ ବୋଲି କହୁଥିଲା। ସାତ ଜନ୍ମର ସାଥି ହେବ ବୋଲି କହୁଥିଲା। ସାରା ଜୀବନ ହାତଧରି ବାଟ ଚାଲିବ ବୋଲି କହୁଥିଲା । ଓଲଟା ସେ ଆଜି ତାକୁ ଚରିତ୍ରହୀନା ନାରୀ କହି ଆକ୍ଷେପ କରୁଛି। ଏ ଭିଡ଼ିଓରେ ଯଦି ତୋ ପାଖରେ ମୁଁ ଅଛି ଆଉ କୋଉ ଭିଡ଼ିଓରେ ତୋ ପାଖରେ ବସି ଆଉ କିଏ ଜଣେ ତୋ ଦେହକୁ ଯେ ଉପଭୋଗ କରୁନଥିବ ତାର କ'ଣ ମାନେ ଅଛି ।

ରିଙ୍କି ଘରକୁ ଫେରିଲା ନାଁ ତାକୁ ଭୋକ ଅଛି ନାଁ ନିଦ ବାଟ ଯାକ ଲୋକଙ୍କ ନଜର ଆଉ କଟୁକ୍ତି ଆଉ ଖରାପ ଇଶାରା ଯେ ସେ ଭିଡିଓ ଆଉ ରାଜେଶର ମିଛ ପ୍ରେମର ପରିଣତି ଏକଥା ବୁଝିବାକୁ ଆଉ ବାକି ନଥିଲା । ଘରକୁ ଆସିଲା ମାଆ ଯେତେ ଡାକିଲା ଆଉ ଖାଇଲାନି। ରାତି ହେଇଗଲା ଯିଏ ଯୁଆଡେ ଶୋଇଗଲେ।

ସକାଳୁ ଦାଣ୍ଡ କୂଅ ପାଖରେ ଲୋକଙ୍କ ଭାରି ଗହଳି କୂଅ ଭିତରେ ଭାସୁଛି ରିଙ୍କିର ଶବ। ବାପା ମା ଭାଇ କାହାରି ଆଖିରୁ ଲୁହ ଶୁଖୁନି । ପୋଲିସ ଆସି ଗାଁରେ ପହଁଚିଲା ସରପଞ୍ଚ ବିଧାୟକ ସାମ୍ବାଦିକ ସମସ୍ତେ ଆସି ପହଁଚିଲେ । ସମସ୍ତଙ୍କ ତୁଣ୍ଡରେ ସେଇ ଗୋଟିଏ କଥା ଦୋଷୀକୁ ଉଚିତ ଦଣ୍ଡ ମିଳୁ । ପୋଲିସ ବାବୁ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ସମସ୍ତଙ୍କ ବୟାନ ନେଇ ଫେରିଯିବା ବେଳକୁ ତଳେ ପଡିଥିବା ମୋବାଇଲ୍‌ଟି ବାଜି ଉଠିଲା । ସମସ୍ତଙ୍କ ନଜର ଥିଲା ସେଇ ମୋବାଇଲ୍ ଉପରେ ।

+ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦



ବିଷ୍ଣୁ ପ୍ରସାଦ ଦାସ

# ଅକ୍ଟୋପସ୍



ଦିଲ୍ଲୀ ବିମାନ ବନ୍ଦର ଟର୍ମିନାଲ୍ ତିନି ପହଞ୍ଚିବା ପରେ ଓଲା ଟାକ୍ସିକୁ ତା'ର ପ୍ରାପ୍ୟ ଦେଇ ଲଗେଜ୍ ଧରି ଗେଟ୍ ଆଡକୁ ଆଗେଇ ଚାଲିଲି । ଭିତରେ ପ୍ରବେଶ କରି ମୋର ବୋର୍ଡିଙ୍ଗ ପାସ୍ ସଂଗ୍ରହ କରିବା ସହିତ ଲଗେଜ୍ ଡ୍ରପ୍ କରି ହ୍ୟାଣ୍ଡ ବ୍ୟାଗ୍ ସହିତ ସୁରକ୍ଷା ଯାଞ୍ଚ ମଧ କରାଇ ନେଲି। ପରବର୍ତ୍ତୀ କାର୍ଯ୍ୟ ଥିଲା ଇମିଗ୍ରେସନ୍ ଯାଞ୍ଚ, ତାହା ମଧ ସରିଗଲା। ମୋର ବିମାନ ଉଡାଣ ପ୍ରାୟ ଦୁଇ ଘଣ୍ଟା ପରେ ଥିଲା ତେଣୁ କିଛି ସମୟ ଲାଉଞ୍ଜରେ କାଟିବାକୁ ସ୍ଥିର କରିଥିଲି। ଲାଉଞ୍ଜ ପ୍ରବେଶ କରି ସ୍କୁଲ୍ ସାଙ୍ଗ ମାଳବିକାକୁ ହଠାତ୍ ଆବିଷ୍କାର କରିଥିଲି। ଦୋ ଦୋ ଚିହ୍ନା ହୋଇ ପାଖକୁ ଯାଇ ପଚାରିଲି କ୍ଷମା କରିବେ ମୋର ଯଦି ଭୂଲ୍ ନହୁଏ ତେବେ ଆପଣ ମାଳବିକା ରାୟ ? ମାଳବିକା ଚମକି ଉଠିଲା, ମୋତେ ଦେଖି ଆନନ୍ଦରେ କହିଦେଲା ଆରେ ଦୁଷ୍ଟ (ମନୋଜ) ତୁ ? ସେ ସ୍କୁଲ୍ ସମୟରୁ ମୋତେ ଦୁଷ୍ଟ ବୋଲି ଡାକେ କାରଣ ଆମ ଗ୍ରୁପ ଖୁବ୍ ଦୁଷ୍ଟ ଥିଲା ଏବଂ ମୁଁ ତା'ର ନେତା ଥିଲି । ସେ ଯାହା ହେଉ ପ୍ରାୟ ଦଶ ବର୍ଷ ପରେ ଦେଖା ହେଲା ଆମ ଦୁଇ ବନ୍ଧୁଙ୍କର। ତୁ କୁଆଡେ ଯାଉଛୁ ଦୁଷ୍ଟ ? ମୁଁ ଟିକେ ରହି ଉତ୍ତର ଦେଲି ହଂକଂ ଯାଉଛି ଗୋଟିଏ ଅଫିସ ମିଟିଂରେ ଯୋଗ ଦେବାକୁ। ମୁଁ ପଚାରିଲି ତୁ କୁଆଡେ ଯାଉଛୁ? ଆରେ ଦୁଷ୍ଟ, ସଂଯୋଗ ଦେଖ୍ ମୁଁ ମଧ ହଂକଂ ପାଞ୍ଚ ଦିନ ପାଇଁ ଛୁଟି କାଟିବାକୁ ଯାଉଛି, ତା ଭିତରେ କିଛି କାର୍ଯ୍ୟ ମଧ ରହିଛି । ଓ ମାଇଁ ଗଡ଼ ! ସୋ ସୁଇଟ୍, କହି ତାଳି ମାରିଦେଲା ମାଳବିକା , ତାହାଲେ ହଂକଂ ଟ୍ରିପଟା ଖୁବ୍ ଭଲ ହେବାକୁ ଯାଉଛି । ଆରେ ଦୁଷ୍ଟ ତୁ କ'ଣ ଏହି ଏଆର ଇଣ୍ଡିଆ ଫ୍ଲାଇଟରେ ଯାଉଛୁ ? ମୋର ଛୋଟ ଉତ୍ତର ଥିଲା ହଁ, ତା' ପରେ ଦୁହେଁ ମିଶି ଅଳ୍ପ କିଛି ଖାଇ ନେଲୁ।

ବୋର୍ଡିଙ୍ଗ ପାଇଁ ସୂଚନା ମିଳିଲା ଦୁହେଁ ବିମାନ ଭିତରକୁ ପ୍ରବେଶ କଲୁ । ମାଳବିକାର ସିଟ୍ ସେଭେନ୍-ଏ ଥିଲା ମୋର ଇଲେଭେନ୍-ଏ ଥିଲା। ମନ ଚାହୁଁଥିଲା ଯାତ୍ରା ସମୟରେ ଏକାଠି ବସି କିଛି ଗଳ୍ପ କରିବାକୁ । ପୁଣି ଭାବି ଚାଲିଥିଲି ହୁଏତ ମାଳବିକାର କେହି ଆତ୍ମୀୟ ସ୍ୱଜନ ତା' ସହିତ ଆସି ଥିବେ । କିନ୍ତୁ ମୋର ଭାବନା ଭୁଲ୍ ଥିଲା ତା' ପାଖ ସିଟ୍ ସମ୍ପୂର୍ଣ୍ଣ ଖାଲି ଥିଲା। ବିମାନ ତା'ର ଗନ୍ତବ୍ୟ ସ୍ଥଳକୁ ଉଡାଣ ଭରିବାକୁ ଆରମ୍ଭ କରିଦେଲା। ମାଳବିକା ପଛକୁ ବୁଲି ବୁଲି ମୋତେ ଦେଖିବାକୁ ଚେଷ୍ଟା କରୁଥିଲା। ଅଗତ୍ୟା ଏଆର୍ ହୋଷ୍ଟେସ୍‌ଙ୍କୁ ଅନୁରୋଧ କରି ମୁଁ ସେଭେନ୍-ବିକୁ ଚାଲି ଆସିଲି । ମାଳବିକା ପାଖ ସିଟ୍‌ରେ ବସି ଟିକେ ଆସ୍ୱସ୍ତି ଅନୁଭବ କରୁଥିଲି । ସ୍କୁଲ୍ ସମୟର ସେହି ଚୁଲ୍ ବୁଲି ମାଳବିକା ଆଉ ମୋ ପାଖରେ ବସିଥିବା ମାଳବିକା ମଧରେ ଆକାଶ ପାତାଳ ପାର୍ଥକ୍ୟ ଥିଲା । ଭଗବାନ୍ ସତେ ଯେପରି ରୂପ ଯୌବନର ସମ୍ଭାର ମାଳବିକା ଠାରେ ଭରି ଦେଇଛନ୍ତି ସେହିପରି ଅନୁଭବ କରୁଥିଲି । ସ୍କୁଲ୍‌ରେ ମୋ ଆଗ ଧାଡ଼ିରେ ମାଳବିକା ବସୁଥିଲା। ଅନେକ ସମୟରେ ମୁଁ ଦୁଷ୍ଟାମୀ କରି ତା ବେଣୀରେ ଗଧ ଲେଖି କାଗଜ କ୍ଲିପ୍ ଦ୍ୱାର ଲଗାଇ ଦେଉଥିଲି । ସେ ରାଗିଯାଇ ଗାଳି ଦିଏ, କିନ୍ତୁ କେବେବି ସାର୍‌ଙ୍କ ଆଗରେ କିଛି କହୁ ନ'ଥିଲା । ଆମେ ଦୁହେଁ ଖୁବ୍ ଭଲ ପାଠ ପଢୁ ଥିଲୁ, ଭଲ ସାଙ୍ଗ ମଧ୍ୟ ଥିଲୁ । ମଝିରେ ମଝିରେ ମାଳବିକା ମୋ ପାଇଁ ଚକ୍‌ଲେଟ୍ ଆଣୁଥିଲା ମୁଁ ମଧ ଆମ ଘରେ ହେଉଥିବା ମଣ୍ଡା ପିଠା ଆଣି ତାକୁ ଦେଉଥିଲି। ସ୍କୁଲ୍ ପିଲା ମାନେ ଆମ ଦୁଇ ଜଣଙ୍କୁ ପ୍ରେମିକ ପ୍ରେମିକା କହି ଚିଡାଉଥିଲେ । ବିମାନ ମଧରେ ଆମ ଦୁଇ ଜଣଙ୍କ ହାତ ପରସ୍ପରକୁ ଛୁଇଁ ଏକ ଶିହରଣ ଖେଳାଇ ଦେଉଥିଲା । କିଛି ସମୟ ପରେ ବିମାନ କମ୍ପାନୀ ତରଫରୁ ଖାଦ୍ୟ ପରିବେଷଣ କରାଗଲା। ବାର୍ତ୍ତାଳାପ ମଧରେ ଦୀର୍ଘ ପାଞ୍ଚ ଘଣ୍ଟା ତିରିଶ ମିନିଟ୍‌ର ଯାତ୍ରା ଆମ ଦୁଇଜଣଙ୍କୁ ଖୁବ୍ ସହଜ ଲାଗି ଥିଲା। ଅନେକ ଆଲୋଚନା ସମାଲୋଚନା, ମାନ ଅଭିମାନ କିଛି ପ୍ରତିଶ୍ରୁତି ସହିତ ହଂକଂ ଠାରେ ଦୁହେଁ ଓଲ୍‌ହାଇ ଯାଇଥିଲୁ। ଦୁଇଜଣ ପରସ୍ପରର ଫୋନ୍ ନମ୍ବର୍ ବିନିମୟ କରି ଯିଏ ଯାହା ଗାଡ଼ିରେ ଚାଲିଗଲୁ।

ସନ୍ଧ୍ୟା ଉପନୀତ ହ୍ୱାଟସ୍‌ଆପ୍‌ରେ ମାଳବିକା ମେସେଜ୍ ଦେଇଥିଲା ଦୁଷ୍ଟ କ'ଣ କରୁଚୁ କିରେ ? ମୋର ଉତ୍ତର ଥିଲା, ସତରେ ମାଳବିକା ତୋ କଥା ଭାବୁଥିଲି । ଓ. କେ. ସତ କହୁଚୁ ତ ? ହଁରେ ପାଗଳୀ, ସତ କହୁଛି। ଠିକ୍ ଅଛି ଲୋକେସନ୍ ସେଆର୍ କରୁଛି , ଟାକ୍ସି ଧରି ଚାଲିଆସ । ହଉ ଆସୁଛି କହି ଫୋନ୍ ରଖିଦେଲି । ପ୍ରାୟ ତିରିଶ ମିନିଟ୍ ପରେ ମାଳବିକା ରହୁଥିବା ହୋଟେଲ ପୋର୍ଟିକୋରେ ଟାକ୍ସି ରହିଲା । ମାଳବିକା ମୋ ପାଇଁ ଲବିରେ ଅପେକ୍ଷା କରିଥିଲା । ଦୁହେଁ ହାତ ଧରା ଧରି ହୋଇ ଲିଫ୍ଟ ମଧରେ ପ୍ରବେଶ କଲୁ । ଏକୋଇଶ ମହଲା ଉପରେ ସୁଇମିଙ୍ଗ ପୁଲ୍ ଥିଲା, ସେଠାରେ ମିନି ବାର ମଧ ଥିଲା । ଦୁହେଁ ଆରାମ୍ ଚେୟାର ଉପରେ ଅର୍ଦ୍ଧଶାୟୀତ ହୋଇ ଫ୍ରୁଟ୍ ଜୁସ୍‌ର ମଜା ନେଉଥିଲୁ ।

ମାଳବିକା ଖୁବ୍ ସୁନ୍ଦର ଦିଶୁଥିଲା, ତା'ର ବବ୍ କଟ୍ ହେୟାର ଷ୍ଟାଇଲ, ହାଲ୍କା ନୀଳ ଜିନ୍ସ ସହିତ ଧଳା ଟି ସାର୍ଟ ତାକୁ ବେଶ୍ ମାନୁଥିଲା । ହାଲ୍କା ଲିପଷ୍ଟିକ୍ ତା'ର ଗୋଲାପୀ ଓଠକୁ ବେଶ ରୋମାଣ୍ଟିକ କରି ତୋଳିଥିଲା । ପତଳା ସୁନା ଚେନ୍‌ରେ ଛୋଟ ଡାଇମଣ୍ଡ ଲକେଟ୍ ମାଳବିକାର ସୌନ୍ଦର୍ଯ୍ୟକୁ ମୋ ଦୃଷ୍ଟିରେ ଦ୍ୱିଗୁଣିତ କରି ଦେଉଥିଲା। କିଛି ସମୟ ପରେ ମାଳବିକା ମୋତେ ପଚାରିଲା ଆରେ ଦୁଷ୍ଟ ଗୋଟିଏ କଥା ପଚାରିବି ସତ କହିବୁ ତ ? ମୁଁ ଟିକେ ଚମକି ଉଠି କହିଲି ହଁ, ହଁ, ନିଶ୍ଚୟ ସତ କହିବି ତୁ ପଚାରିପାରୁ । ମାଳବିକା କହିଲା ତେବେ ତୁ ତୋ' କଥା କହ । ମୋର ଉତ୍ତର ଥିଲା... ହାଇସ୍କୁଲ ପରେ ତୁ ଦିଲ୍ଲୀ ଚାଲି ଆସିଲୁ କେବଳ ଏତିକି ଜାଣିଥିଲି । ତା ପରେ ତୋ ବିଷୟରେ କେହି କିଛି କହି ପାରିଲେ ନାହିଁ । ମନେ ମନେ ତୋତେ ଅନେକ ଖୋଜିଛି କିନ୍ତୁ ତୁ ତ' ମୋତେ ସମ୍ପୂର୍ଣ୍ଣ ଭୂଲି ଯାଇଥିଲୁ ବୋଧ ହୁଏ । ଅନେକ ଇଚ୍ଛା ଥିଲା ତୋ ସହିତ ସମ୍ପର୍କ ଯୋଡିବାକୁ କିନ୍ତୁ ତୋର ଠିକଣା ଜାଣି ନଥିଲି କିମ୍ୱା ଦିଲ୍ଲୀ ଆସିବାର ସୁଯୋଗ ପାଇନଥିଲି । ମୋର ଇଞ୍ଜିନିଅରିଂ ଆଇ.ଆଇ.ଟି ଖଡଗ୍‌ପୁରରୁ ସରିବା ପରେ ମଲ୍ଟି ନ୍ୟାସନାଲ ବ୍ୟାଙ୍କରେ ଏ. ଭି. ପି ରୂପେ କାର୍ଯ୍ୟରତ । ଗୋଟିଏ ମିଟିଂ ପାଇଁ ହଂକଂ ଆସିଛି, ଦୁଇଦିନ ଧରି ମିଟିଂ ଚାଲିବ । ବାକି ଦୁଇ ଦିନ ମୋର ଫ୍ରି ସମୟ । ମାଳବିକା କହିଲା ଆରେ ଦୁଷ୍ଟ ମୋ' କଥାକୁ ତୁ ଏଡେଇ ଯାଉଛୁ... ମୋର ଉତ୍ତର ଥିଲା...ନା ନା ମାଳବିକା ତତେ ସବୁ ସତ କହିଛି । ମାଳବିକା ପୁଣି କହିଲା... ଦୁଷ୍ଟ ତୋର ପରିବାର କଥା କହ । ଓ.କେ. ମାଳବିକା ଶୁଣ.... ବାପା ଚାଲି ଯାଇଛନ୍ତି ଅନେକ ଦିନ ହେଲା, ମା' ଏକା ଭୁବନେଶ୍ୱରରେ ରହୁଥିଲା । ଚାକିରୀ ପାଇବା ପରେ ମୋତେ ବାଧ କରି ତା'ର ଜଣେ ପରିଚିତ ସାଙ୍ଗର ଝିଅ 'ସୌଦାମିନୀ' ସହିତ ବାହା ଦେଇଥିଲା ।

ପ୍ରଥମ ଦିନରୁ ସ୍ୱାମୀ ସ୍ତ୍ରୀ ମଧରେ ପଡୁ ନଥିଲା । ଏପରିକି ତା'ର ଅଙ୍ଗ ସ୍ପର୍ଶ କରିବାକୁ ସୌଦାମିନୀ ବାରଣ କରିଥିଲା । ମୋର ମାଆ ଏସବୁ କିଛି ଜାଣି ପାରୁନଥିଲେ। ସୌଦାମିନୀ ମୋ ପାଇଁ ଏକ ବ୍ୟତିକ୍ରମ ଥିଲା ବୋଲି ମନେ ହେଉଥିଲା, ହୁଏତ ତା' ଇଚ୍ଛା ବିରୁଦ୍ଧରେ ତାକୁ ମୋ ସହିତ ବିବାହ ବନ୍ଧନରେ ବାନ୍ଧି ଦିଆ ଯାଇଥିଲା । ଦୀର୍ଘ ଛଅ ମାସ ଧରି ସୌଦାମିନୀ ଅକ୍ଟୋପସ୍ ପରି ମୋର ସରଳ ଜୀବନକୁ ଚାରିଆଡୁ ମାଡ଼ି ବସିଲା । ଅଷ୍ଟପଦୀ ଅକ୍ଟୋପସ୍ କବଳରୁ ମୁକୁଳିବାର ଚେଷ୍ଟା ମୋତେ ଅଧିକରୁ ଅଧିକ ଯନ୍ତ୍ରଣା ଦେଲା । ଧିରେ ଧିରେ ଅକ୍ଟୋପସ୍ ମୋତେ ସମ୍ପୂର୍ଣ୍ଣ ରୂପେ ଗ୍ରାସ କରି ଦେଲା । ମୋର ବଞ୍ଚିବା ମରିବା ମଧରେ ପାର୍ଥକ୍ୟ ମଧ୍ୟ ମୁଁ ଜାଣି ପାରୁ ନଥିଲି । ମୁଁ ପ୍ରତି ମୁହୂର୍ତ୍ତରେ ଅଣନିଃଶ୍ୱାସୀ ହୋଇ ଯାଉଥିଲି, ଯେତେ ଚେଷ୍ଟା କରି ମଧ ସୌଦାମିନୀକୁ ବୁଝାଇ ପାରି ନଥିଲି। ମୁକ୍ତି ପାଇଁ କେବଳ ଭଗବାନଙ୍କୁ ମୁଁ ଦିବାରାତ୍ରି ପ୍ରାର୍ଥନା କରୁଥିଲି। ଭଗବାନ ମୋ' ଡାକ ଶୁଣିଲେ , ଅକ୍ଟୋପସ୍ କବଳରୁ ମୋତେ ଦିନେ ମୁକ୍ତି ମିଳିଲା । କିନ୍ତୁ ଅକ୍ଟୋପସ୍ ମୋତେ କ୍ଷତ ବିକ୍ଷତ କରି ସାରିଥିଲା , ସମାଜର ମୋର ମାନ ମର୍ଯ୍ୟାଦାକୁ ନିଲାମ କରି ଶେଷରେ ତା'ର ପୁରୁଣା ପ୍ରେମିକ ସହ ଚାଲିଗଲା । ସମାଜରେ ମୁଁ ମୁହଁ ଦେଖାଇ ପାରିଲି ନାହିଁ , ଲଜ୍ଜା ଲଜ୍ଜା ଆଉ ଲଜ୍ଜା ଭିତରେ ମା'କୁ ଧରି ନୋଏଡା ଚାଲି ଆସିଲି । ସେହି ଦିନଠାରୁ ଆଉ କୌଣସି ଝିଅ ମୋ' ଜୀବନର ଲକ୍ଷ୍ମଣ ରେଖା ଟପି ହୃଦୟ ଭିତରକୁ ପ୍ରବେଶ କରି ନାହାନ୍ତି କି ମୁଁ କାହାକୁ ସେ ସୁଯୋଗ ଦେଇ ନାହିଁ ।

ମାଳବିକା ଏକ ଲୟରେ ବନ୍ଧୁର କଥା ଶୁଣି ଯାଉଥିଲା। ଟିକେ ମନ ଦୁଃଖ କରି କହିଲା ଆରେ ଦୁଷ୍ଟ, କିଛି ବ୍ୟସ୍ତ ହେବାର ନାହିଁ। ଭଗବାନଙ୍କ ଇଚ୍ଛା, ତୁ ହୁଏତ ଅଳ୍ପରେ ବଞ୍ଚି ଯାଇଛୁ। ଆଜିକାଲିକା ଝିଅ ଅନେକଙ୍କୁ ପ୍ରେମ କରିବେ, ସ୍ୱାର୍ଥ ହାସଲ କରିବେ ଆଉ ନୀରିହ ପିଲା ଦେଖି ବାହା ହେବେ । ସ୍ୱାମୀକୁ ଚାକର ପୂଜାରୀ ତୁଲ୍ୟ ବ୍ୟବହାର କରିବେ, ମନ ପୁରିଗଲେ କୌଣସି ବାହାନା କରି ପଳାଇବେ। ମାଳବିକା କଥାରେ ମୋର ଦୁଇ ଚକ୍ଷୁରୁ ଦୁଇ ଧାର ଲୁହ ବୋହି ଯାଇଥିଲା । ମାଳବିକା ମୋତେ ନେଇ ଡାଇନିଂ ହଲ୍‌କୁ ଆସିଲା । କ୍ୟାଣ୍ଡେଲ ଲାଇଟ୍‌ରେ ଆମ ଦୁଇଜଣଙ୍କ ମୁହଁ ଠିକ୍ ଭାବରେ ଦୃଶ୍ୟମାନ ହେଉ ନଥିଲେ ମଧ ଚାରୋଟି ଉଜ୍ଜଳ ଚକ୍ଷୁ ପରସ୍ପରର କିଛି ଅକୁହା ବେଦନାକୁ ସହଜରେ ଅନୁଭବ କରୁଥିଲେ । ଚକ୍ଷୁର ଭାଷା ଚକ୍ଷୁ ହିଁ ବୁଝୁଥିଲା, ତା'ର ଆବେଗ ହୃଦୟକୁ ମଧ୍ୟ ଛୁଇଁ ଯାଉଥିଲା । ଖାଦ୍ୟର ଅର୍ଡର ଦେଇ ସାରି କିଛି ପାନୀୟ ପାଇଁ ମାଳବିକା ଆଗ୍ରହ ପ୍ରକାଶ କରିଥିଲା । ମୋର ସମ୍ମତି ପାଇବା ପରେ ଦୁହେଁ କିଛି ପାନୀୟ ସେବନ କରିଥିଲୁ । ପାନୀୟର ହାଲ୍କା ନିଶା ଖାଦ୍ୟର ସ୍ୱାଦ ସହିତ ରାତି ପ୍ରାୟ ଏଗାରଟା ବାଜି ଯାଇ ଥିଲା । ମାଳବିକା ଟିକେ ଭାବବିହ୍ୱଳ ହୋଇ ମୋତେ କୁଣ୍ଢାଇ ଧରି କାନ୍ଦିବାକୁ ଲାଗିଲା । ମୁଁ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ତାକୁ ଧରି ତା'ର ରୁମ୍‌କୁ ନେଇ ଆସିଲି । ବେଡ୍‌ରେ ଶୁଆଇ ଦେଇ ଫେରିବା ସମୟର ମାଳବିକା ମୋର ହାତ ଦୁଇଟିକୁ ଧରି ଅନୁରୋଧ କରି ଥିଲା । ଦୁଷ୍ଟ ତୁ ମୋତେ ଏକା ଛାଡି ଯାଆ ନା' ତୁ ଚାଲିଗଲେ ମୋର ମନର କଥା ମୁଁ କାହାକୁ କହିବି ? ଆଗତ୍ୟା ମାଳବିକାର ଅନୁରୋଧ ରକ୍ଷା କରି ମୋତେ ତା ପାଖରେ ରହିବାକୁ ପଡ଼ିଲା ।

ହାଲ୍କା ମଦିରାର ରଙ୍ଗୀନ ନିଶାରେ ମାଳବିକା କହି ଚାଲିଲା... ଦୁଷ୍ଟ, ତୁ ସତରେ ମୋତେ ବହୁତ୍ କଷ୍ଟ ଦେଇଛୁରେ, ମୋ ପରି ଝିଅ କଷ୍ଟ ଅନୁଭବ କରି ମଧ୍ୟ ତୋତେ ଭୂଲି ପାରିନାହିଁ । ନବମ ଶ୍ରେଣୀରେ ପଢୁଥିବା ବେଳେ ତୁ ମୋ ସହିତ ଦିନେ ଯାହା କରିଥିଲୁ ସେସବୁ କ'ଣ ଭୁଲି ଯାଇଛୁ? ଯଦିଓ ସେଇଟା ତୋର ଗୋଟିଏ ଦୁଷ୍ଟାମୀ ଥିଲା ତଥାପି ଜଣେ ସଦ୍ୟ ଯୌବନ ପ୍ରାପ୍ତ ଝିଅ ପାଇଁ ସେଇଟା ପ୍ରଥମ ପ୍ରେମର ଏକ ନିଆରା ଅନୁଭୂତି ଥିଲା । ମୋର ଇଚ୍ଛା ବିରୁଦ୍ଧରେ ମୋତେ ସ୍କୁଲ୍‌ର ଏକ ନିର୍ଜନ ସ୍ଥାନରେ ଚୁମ୍ବନ ଉପରେ ଚୁମ୍ବନ ଦେଇ ଚାଲି ଥିଲୁ, ଶରୀରର ସମ୍ବେଦନଶୀଳ ଅଙ୍ଗ ସ୍ପର୍ଶ କରିବାକୁ ଚେଷ୍ଟା କରିଥିଲୁ । ତୋ ଉପରେ ସେଦିନ ମୁଁ ଖୁବ୍ ରାଗି ଯାଇଥିଲି । ସମସ୍ତ ସମ୍ପର୍କ କାଟି ଦେବାକୁ ସ୍ଥିର କରିଥିଲି । ରାତିସାରା ବହୁତ କାନ୍ଦିଛି, ତକିଆ ଓଦା ହୋଇ ଯାଇଥିଲା। ଦୁଇ ଦିନ ପର୍ଯ୍ୟନ୍ତ ମୋର ଓଠ ଫୁଲି ଯାଇଥିଲା। ମୁଁ ଭୟରେ କାହାକୁ କିଛି କହି ପାରି ନ'ଥିଲି । କିନ୍ତୁ ସତରେ ତତେ ମୁଁ ତୋର ଦୁଷ୍ଟାମୀ ପାଇଁ କ୍ଷମା କରି ଦେଇଥିଲି । ସେଇ ଅକୁହା ଅନୁଭୂତିକୁ ମୁଁ ବାରମ୍ବାର ମନେ ପକାଇଛି, ହୃଦୟରେ ମୋର ଅନେକ ବାର ଅଗ୍ନି ଉଦ୍ଗିରଣ ହୋଇଛି, ଉତପ୍ତ ଲାଭାରେ ଛଟପଟ ହୋଇଛି ଏବଂ ବୃଷ୍ଟି ଜଳରେ ନିଜକୁ ଭିଜେଇ ଶୀତଳ କରିଛି । ତୋତେ ଅନ୍ତରରୁ ଅନେକ ଖୋଜିଛିରେ ଦୁଷ୍ଟ, ତୁ ମୋ' ଯୌବନର ପ୍ରଥମ ପୁରୁଷ ଥିଲୁ, ଅଛୁ ଏବଂ ଥିବୁ ଅନନ୍ତ କାଳ ପର୍ଯ୍ୟନ୍ତ । ଦୁଷ୍ଟ, ତୁ ବିଶ୍ୱାସ କର, ଏଇ ରକ୍ତ ମାଂସର ଦେହଟା ଆଜିବି ତୋ ପାଇଁ ଗଙ୍ଗା ଜଳ ପରି ପବିତ୍ର ରହିଛି । ତୋର ମାଳବିକା ଅକ୍ଷତ ଯୋନୀ କୁମାରୀ କନ୍ୟା ରୂପରେ ତୋ ପାଖରେ ନିଜକୁ ସମର୍ପଣ କରୁଛି । ଜୀବନରେ ପ୍ରଥମ ପ୍ରେମକୁ କେହି କେବେ ଭୂଲି ପାରନ୍ତି ନାହିଁ ମୁଁ ମଧ ଭୁଲି ପାରି ନାହିଁରେ ଦୁଷ୍ଟ।

ତେବେ ଦୁଷ୍ଟ ମୋ' କଥା କହୁଛି ଶୁଣ ....ଦିଲ୍ଲୀ ଆସିବା ପରେ ବାପା ଚାକିରୀ ଛାଡ଼ି ନିଜର ବ୍ୟବସାୟ ଆରମ୍ଭ କଲେ। ମୁଁ ଇଂରାଜୀରେ ପି.ଜି କରି ସାରି ପୁଣି ଏମ୍ .ବି. ଏ. ମାର୍କେଟିଙ୍ଗ କଲି । ବାପାଙ୍କର ଟ୍ରାଭେଲ୍ କମ୍ପାନୀ ଭଲ ଚାଲିଲା, ବାପା ବର୍ତ୍ତମାନ ନିଜ କମ୍ପାନୀରେ ଚେୟାରମ୍ୟାନ୍ ଏବଂ ମୁଁ ମ୍ୟାନେଜିଂ ଡାଇରେକ୍ଟର । ହଂକଂରେ ରହି ଆମ ବ୍ୟବସାୟ ପାଇଁ କିଛି ମିଟିଂ କରି ଫେରିଯିବି । ହଁ ଦୁଷ୍ଟ, ଗୋଟିଏ କଥା ଶୁଣ ମୋ' ବାହାଘର ପାଇଁ ବାପା ମା' ଖୁବ୍ ଦୁଃଖୀ । କାରଣ ମୁଁ ତାଙ୍କୁ କହି ଦେଇଛି ମୁଁ ଯେଉଁଦିନ ଚାହିଁବି ସେଦିନ ବାହା ହେବି ତା ଆଗରୁ ମୋତେ ବାଧ କଲେ ପରିଣାମ ପାଇଁ ସେମାନେ ଦାୟୀ ରହିବେ । ଥରେ ମୋର ଆଇ ମୋତେ ରାଣ ନିୟମ ଦେଇ ପଚାରିଲା, ମୁଁ ମୋର ମନର କଥା କହିଦେଲି । ଦୁଷ୍ଟ, ତୋର ସେଦିନର ଦୁଷ୍ଟାମୀ କଥା ମଧ କହିଦେଲି। ସେ ହସିଲା, ମୋତେ ଆଶିର୍ବାଦ ଦେଲା ଯେ, ଦିନେ ନା ଦିନେ ତୋତେ ତୋର ଦୁଷ୍ଟ ମିଳିବ । ତୋର ଇଚ୍ଛା ଶକ୍ତି ଯଦି ଦୃଢ଼ ଥିବ ଦେଖିବୁ ଦିନେ ଭଗବାନ ତୋ ଦୁଷ୍ଟକୁ ଆଣି ତୋ ପାଖରେ ପହଞ୍ଚାଇ ଦେବେ । ବର୍ତ୍ତମାନ ଆଇ ଏ ଦୁନିଆରେ ନାହିଁ ସତ କିନ୍ତୁ ତା'ର ଭବିଷ୍ୟବାଣୀ ଆଜି ସତ୍ୟ ପ୍ରମାଣିତ ହୋଇଛିରେ ଦୁଷ୍ଟ ।

ମାଳବିକା ସକେଇ ସକେଇ କାନ୍ଦୁଥିଲା, ମୁଁ ମୋ' ରୁମାଲ୍ ନେଇ ତା'ର ଉଷୁମ ଲୁହ ପୋଛି ଦେଉଥିଲି । ରାତ୍ରୀ ବଢ଼ି ବଢ଼ି ଚାଲିଛି, ମାଳବିକା ବେଳକୁ ବେଳ ଭାବ ବିହ୍ୱଳ ହୋଇ ଯାଉଛି । ମାଳବିକାର ଅସ୍ଥିର ମନ କ'ଣ ଖୋଜୁଛି ତା ମୁଁ ଜାଣି ପାରୁ ନ'ଥିଲି , କିନ୍ତୁ ତା'ର ହୃତ୍ସ୍ପନ୍ଦନକୁ ଅନୁଭବ କରୁଥିଲି । ବେଡ୍ ଉପରେ ବସି ଖୁବ୍ ଯତ୍ନରେ ମାଳବିକାର ହାତକୁ ଧରି ଆଉଁସି ଦେଉଥିଲି । ମାଳବିକାର ପ୍ରତିଟି କଥାର ସତ୍ୟତାକୁ ମୁଁ ହୃଦୟରୁ ଅନୁଭବ କରୁଥିଲି, ତା'ର ତ୍ୟାଗ, ତା'ର ଧର୍ଯ୍ୟ, ତା'ର ଆଇଙ୍କ କଥାକୁ ବିଶ୍ୱାସ, ସତରେ ମୋର ହୃଦୟକୁ ଉଦବେଳିତ କରି ଦେଉଥିଲା । ନିଜ ଅତୀତର ଅନୁଭୂତିକୁ ବିଶ୍ଳେଷଣ କରିବାକୁ ଯାଇ ଭାବୁଛି.... ସୌଦାମିନୀ ଏବଂ ମାଳବିକା ଭିତରେ ସତରେ କେତେ ପାର୍ଥକ୍ୟ । ଜଣେ ବିବାହିତା ନାରୀର ଆଚରଣ ଉଚ୍ଚାରଣ ବ୍ୟବହାର ଅନୁଭବ କରି ସମାଜରେ ଲଜ୍ଜିତ ହୋଇ ଥିଲି । ବର୍ତ୍ତମାନ ଜଣେ ନାରୀ ଯେ କି ପ୍ରାୟ ଦଶ ବର୍ଷ ପରେ ମଧ ମୋର ଦୁଷ୍ଟାମୀର ସ୍ପର୍ଶକୁ ହୃଦୟରେ ସାଇତି ରଖି ମୋତେ ନିଜର କରିବା ପାଇଁ ଅପେକ୍ଷାରତ । ଦୁଇଟି ନାରୀ ଦୁଇଟି ଚରିତ୍ର ଗୋଟିଏ ସକରାତ୍ମକ ଅନ୍ୟଟି ନକାରାତ୍ମକ । ମାଳବିକା ଉପରେ ମୋର ଚିନ୍ତାଧାର ବଦଳି ଗଲା । ମାଳବିକା ମୋ ଚକ୍ଷୁରେ ଜଣେ ମାନବୀ ନୁହେଁ ଦେବୀ ବୋଲି ପ୍ରତୀୟମାନ ହେଲା, ତା ପାଖରେ ମୋର ମୁଣ୍ଡ ନଇଁ ଯାଉଥିଲା । ହୃଦୟକୁ ଛୁଇଁଲା ଭଳି ଅନେକ କଥୋପକଥନ ଭିତରେ ରାତି ପାହି ସକାଳ ହେଲା । ନୂତନ ସୂର୍ଯ୍ୟଙ୍କ ସୁନେଲୀ କିରଣ କାଚ ଝରକାର ପରଦା ଫାଙ୍କ ଦେଇ ବେଡ୍ ରୁମ୍ ଭିତରେ ପ୍ରବେଶ କରୁଥିଲା । ମାଳବିକା ଏଇ କିଛି ମିନିଟ୍ ଆଗରୁ ମୋ କୋଳରେ ମୁଣ୍ଡ ଦେଇ ନିଶ୍ଚିନ୍ତରେ ଶୋଇଯାଇଛି, ମୋ ଉପରେ ମାଳବିକାର ଅଗାଢ଼ ବିଶ୍ୱାସ ଆଉ ଅନାବିଳ ପ୍ରେମ ସମ୍ପର୍କର ଏହା ଏକ ଅନନ୍ୟ ଉଦାହରଣ। ଆମ ଦୁଇଜଣଙ୍କ ପ୍ରେମକୁ ସ୍ୱୀକୃତି ଦେଇ ମାଳବିକାର ସୁନ୍ଦର ମୁଖମଣ୍ଡଳ ଉପରେ ଛୋଟିଆ ଚୁମ୍ବନଟିଏ ଆଙ୍କିଦେଲି । ମାଳବିକା ଗୁଡ୍‌ମର୍ଣ୍ଣିଙ୍ଗ କହି ଉଠି ଟିକେ ହସିଦେଇ ବାଥ୍ ରୁମ୍ ଚାଲିଗଲା । ହଂକଂର ବିଭିନ୍ନ ସ୍ଥାନ ବୁଲା ବୁଲି କରି ଦୁହେଁ ଦିଲ୍ଲୀ ଫେରି ଆସିଲୁ ।

ନିଜର ମନର କଥା ମାଳବିକା ନିଜ ବାପା ମାଆଙ୍କୁ ଜଣାଇବା ସହ ଦୁଷ୍ଟ (ମନୋଜ)ର ମାଆଙ୍କୁ ମଧକୁ ଜଣାଇ ଥିଲେ । ଖୁବ୍ ନିରାଡମ୍ବର ଭାବରେ ଦୁହିଙ୍କ ବିବାହ ସମ୍ପନ୍ନ ହୋଇଥିଲା । ପ୍ରାକ ଯୌବନ ସମୟର ସ୍କୁଲ ରେ ଗଢି ଉଠିଥିବା ପ୍ରେମ ଯେ, ଶେଷରେ ଏକ ସୁଖୀ ଦାମ୍ପତ୍ୟ ଜୀବନରେ ବଦଳି ଯିବ ଏକଥା କିଏ ଜାଣିଥିଲା ? ପ୍ରେମ ସତ୍ୟ, ପ୍ରେମ ଶିବ, ପ୍ରେମ ସୁନ୍ଦର୍ । ପ୍ରେମ ବିନା ଜୀବନରେ ପୂର୍ଣ୍ଣତା ଲାଭ କରିବା ଦୁରୂହ ବ୍ୟାପାର । ମାଳବିକା ଏବଂ ମନୋଜ୍ ହୁଏତ ଏକ କାଳ୍ପନିକ ନାମ କିନ୍ତୁ ଏକ ସତ୍ୟ ପ୍ରେମର କାହାଣୀକୁ ନିଜ ରୂପରେ ଲେଖକ ସଜାଇ ଉପସ୍ଥାପନ କରିବାକୁ ପ୍ରୟାସ କରିଛନ୍ତି।

+ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଆନନ୍ଦପୁର ପ୍ରେସ୍ ପରିଷଦର ପକ୍ଷରୁ ଓଏଏସ୍ ଟପର ବୁବୁନ୍ ସାହୁଙ୍କୁ ସମ୍ବର୍ଦ୍ଧନା

ଘଟଗାଁ , ୩୧/୦୫ (ନି.ପ୍ର): ଆନନ୍ଦପୁର ପ୍ରେସ୍ ପରିଷଦର ପକ୍ଷରୁ ଓ ଏ ଏସ୍ ଟପର ବୁବୁନ୍ ସାହୁ ଙ୍କୁ ପୁଷ୍ପଗୁଚ୍ଛ ସହ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପଂଚାୟତ ଟୋଲଙ୍କପ ଲଙ୍କପଡ଼ା ଗ୍ରାମର ବୁବୁନ ବନ୍ ସାହୁ ଚଳିତ ବର୍ଷ ଓଏଏସ୍ ପରୀକ୍ଷାରେ ଟପ୍ପର ହୋଇ ପୁବା ବେଳେ ବେଳେ ୩୦ ତାରିଖ ଶନିବାର ଦିନ ଆନନ୍ଦପୁର ଉପ-ଜିଲ୍ଲାପାଳ, ଆନନ୍ଦପୁର ବ୍ଲକ ଓ ପ୍ରେସ୍ ପରି ପରିଷଦ ପକ୍ଷରୁ ତାଙ୍କୁ ସମ୍ବନ୍ଧିତ କରାଯ ରାଯାଇଥିବାର ଦେଖାଯାଇଛି । ଟୋଲଙ୍କପଡା ଗ୍ରାମର ଭଗବାନ । ସାହୁ ଓ କୁଞ୍ଜଲତା ସାହୁଙ୍କ ସୁପୁତ୍ର ବୁବୁନ୍ ସାହୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୋଲିସ ଏକାଡ଼େମୀରେ ପ୍ରଶିକ୍ଷଣ ନେଉଥିବା ବେଳେ ପୂର୍ବ ବର୍ଷ ଓଏଏସ୍ ପରୀକ୍ଷାରେ ୪୦ଲ୍ୟାଙ୍କରେ କୃତକାର୍ଯ୍ୟ ହୋଇଥିବାବେଳେ ଚଳିତ ବର୍ଷ ମୋଟ୍ ୨୦ ୦୦ଜଣ କୃତୀ ଛାତ୍ରଛାତ୍ରମାନଙ୍କ ମଧ୍ୟରୁ ସେ ଓଏଏସ୍ ଟପ୍ପର ଟି ହୋଇଛନ୍ତି । ତାଙ୍କର ଏହି ସଫଳତା କେନ୍ଦୁଝର ଜିଲ୍ଲା ସହ ଆନନ୍ଦପୁର ଉପଖଣ୍ଡକୁ ଗର୍ବିତ କରିଥିବା ବେଳେ ଶନିବାର ଦିନ ଆନନ୍ଦପୁର ଉପ-ଜିଲ୍ଲାପାଳ ନିଳମାଧବ ସୁନା କାର୍ଯ୍ୟାଳୟ ପରିସରରେ ତାଙ୍କୁ ଉ ରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବନ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେହିପରି ଆନନ୍ଦପୁର ବିଡ଼ିଓ ମନୋଜ କୁମାର ମହାନ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ଉତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବନ୍ଧିତ କରିବା ସହ ଜଗନ୍ନାଥଙ୍କ ତୈଳ ଫଟୋଚିତ୍ର ପ୍ରଦାନ କରିଥିଲେ ।

# ଦଳକି ଗ୍ରାମ ପଂଚାୟତରେ ଆଇନ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା, ୩୧/୦୫ (ନି.ପ୍ର): ଲୋକ ଅଦାଲତ, ମଧ୍ୟସ୍ଥତା ଓ ମାଗଣା ଆଇନ ସେବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କଲା ଡିଏଲଏସଏ। ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ଝାରସୁଗୁଡ଼ାର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳକି ଗ୍ରାମ ପଂଚାୟତର ସମ୍ମିଳନୀ କକ୍ଷଠାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଝାରସୁଗୁଡ଼ାର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ଯଥା ଲୋକ ଅଦାଲତ, ମଧ୍ୟସ୍ଥତା ଏବଂ ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ (ପିଏଲଏ)ର ପ୍ରତିଷ୍ଠା, କାର୍ଯ୍ୟକାରିତା ଓ ଏହା ଦ୍ୱାରା ସମାଧାନ ହୋଇପାରୁଥିବା ବିବାଦଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିପରି ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ର ଅଧ୍ୟାୟ-ଭି ଆଇ ଏ ଅନୁଯାୟୀ ଉପଲବ୍ଧ ସୁବିଧା ଓ ଯୋଜନାଗୁଡ଼ିକ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଡିଏଲଏସଏର ସଚିବ ଆଲୋକମୟୀ ପ୍ରଧାନ ଏବଂ ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଆଇନଗତ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଅତିଥିମାନେ ମାଗଣା ଆଇନ ସେବା, ପୀଡ଼ିତା କ୍ଷତିପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ ବିଚାରାଧୀନ ମାମଲାର ଶୀଘ୍ର ସମାଧାନ ଏବଂ ନାଲ୍ସାର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ବିଷୟରେ ସଚେତନତା ସୃଷ୍ଟି କରିଥିଲେ।

ଏହି ଅବସରରେ ବର୍ତ୍ତମାନ ଚାଲିଥିବା ମଧ୍ୟସ୍ଥତା ଅଭିଯାନ ଏବଂ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଆସନ୍ତା ଅଗଷ୍ଟ ୨୧, ୨୨ ଓ ୨୩ ତାରିଖରେ ଆୟୋଜିତ ହେବାକୁ ଥିବା 'ସମାଧାନ ସମାରୋହ'ରେ କେଉଁ ପ୍ରକାରର ମାମଲା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇପାରିବ, ସେ ସମ୍ପର୍କରେ ପ୍ରାଧିକରଣର ସଚିବ ପ୍ରଧାନ ବିସ୍ତୃତ ସୂଚନା ଦେଇଥିଲେ ଏବଂ ଏହାର ସୁଯୋଗ ନେବାକୁ ଲୋକମାନଙ୍କୁ ଆହ୍ୱାନ କରିଥିଲେ।

କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମହିଳା, ସାଧାରଣ ଜନତା, ଡିଏଲଏସଏର ପ୍ୟାନେଲ ଓକିଲ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ସବିଶେଷ ସୂଚନା ପାଇଁ ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ କିମ୍ବା ଡିଏଲଏସଏ, ଝାରସୁଗୁଡ଼ା କାର୍ଯ୍ୟାଳୟର ନମ୍ବର ୦୬୬୪୫-୨୭୩୪୭୦ରେ ଯୋଗାଯୋଗ କରିବାକୁ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

# ରବିଧାନ ସଂଗ୍ରହ ନେଇ ପ୍ରଶିକ୍ଷଣ ଏବଂ ଚାଷୀଙ୍କୁ ସଚେତନତା

ଜୟପୁର, ୩୧/୦୫ (ନି.ପ୍ର): କୋରାପୁଟ ଜିଲ୍ଲାରେ ଆସନ୍ତା ଜୁନ ୩ରୁ ଚାଷୀଙ୍କ ଅମଳ ରବିଧାନ କ୍ରୟ ନେଇ ମଣ୍ଡିର ଶୁଭାରମ୍ଭ ହେବ । ତେଣୁ ଆଜି ଜୟପୁର ଉପଖଣ୍ଡର ସ୍ଥାନୀୟ ଆଂଚଳିକ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଧାନ ସଂଗ୍ରହ ନେଇ ପ୍ରଶିକ୍ଷଣ ଏବଂ ଚାଷୀଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସମବାୟ ବିଭାଗ ଉପ ନିବନ୍ଧକ ମୋନିକା ରାୟ, ଉପଜିଲ୍ଲାପାଳ ତଥା ଆଂଚଳିକ ନିୟନ୍ତ୍ରିତ ବଜାର କମିଟିର ସଭାପତି ଯଦୁମଣି ନାୟକ ଏବଂ ବଜାର କମିଟିର ଉପାଧ୍ୟକ୍ଷ ବାଲା ରାୟଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଥିଲା । ଏହି ପ୍ରଶିକ୍ଷଣ ଓ ସଚେତନତା ଶିବିରକୁ ଜୟପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତୁଷାର କାନ୍ତ ସେଠୀ ପରିଚାଳନା କରିଥିଲେ । ଏହି ଅବସରରେ ଜୟପୁର ଉପଖଣ୍ଡର ବିଭିନ୍ନ ଅଂଚଳର ସମସ୍ତ ଚାଷୀ ମାନେ ଏବଂ ସମସ୍ତ କମିଟିର ନିର୍ଦ୍ଦେଶକ ମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଆସନ୍ତା ମଣ୍ଡି ଶୁଭାରମ୍ଭ ହେବା ସହିତ ସରକାର ଯେଉଁ ଧାନର ସର୍ବନିମ୍ନ ମୂଲ୍ୟ ୨୩ ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି ଏବଂ ବୋନସ ୮ ଶହ ଟଙ୍କା ଦେବା ପାଇଁ ନିଷ୍ପତି ନେଇଛନ୍ତି। ଚାଷୀମାନଙ୍କ ଅମଳ ଧାନର ଉଚିତ୍ ମୂଲ୍ୟ ପାଇବେ ଏବଂ ସଠିକ୍ ଭାବେ ଧାନର ମାନ ଯାଂଚ୍ କରାଯାଇ କ୍ରୟ କରାଯିବା ନେଇ ଜୟପୁର ନିୟନ୍ତ୍ରିତ କମିଟି ଏବଂ ଯୋଗାଣ ବିଭାଗ ପକ୍ଷରୁ ମିଳିତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଉଚିତ୍ ମାନର ଧାନ ଚାଷୀ ଆଣିବେ ଏବଂ ମଣ୍ଡିରେ ଠିକ ଢଙ୍ଗରେ ପହଂଚାଇବେ ଯାହା ଫଳରେ ଧାନର ମୂଲ୍ୟ ସର୍ବନିମ୍ନ ଯାହା ରହିଛି ତାଙ୍କର ପ୍ରାପ୍ୟ ଠିକ୍ ପାଇବେ ସେଥି ପ୍ରତି ଧ୍ୟାନ ଦିଆଯାଇଛି। ଆଜିର ଏହି ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମରେ ନିୟନ୍ତ୍ରିତ ବଜାର କମିଟିର ନିର୍ଦ୍ଦେଶକ ଦେବେନ୍ଦ୍ର ବାହିନୀପତି, କୃଷ୍ଣଚନ୍ଦ୍ର ନେପାକ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶଙ୍କର ସେନ ଭୋଇ, ସହକାରୀ ଯୋଗାଣ ଅଧିକାରୀ ଏନ ଲକ୍ଷ୍ମଣ ରାଓ ଏବଂ ଚାଷୀ ମାନେ ଉପସ୍ଥିତ ଥିଲେ ।

# ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଘର ଉପରେ ବୋମା ମାଡ ଘଟଣାକୁ ନଗର ବିଜେଡିର ଦୃଢ ନିନ୍ଦା

## ୬ଜଣଙ୍କୁ ଅଟକ ରଖି ପୋଲିସ୍‌ର ତଦନ୍ତ ଆରମ୍ଭ

ପାରାଦୀପ, ୩୧/୦୫ (ନି.ପ୍ର): ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଘରେ ଉପରେ ଶନିବାର ଦିନ ସଂନ୍ଧ୍ୟାରେ ବୋମା ମାଡ ଘଟଣାକୁ ଦୃଢ ନିନ୍ଦା କରିଛି ପାରାଦ୍ୱୀପ ବିଜୁ ଜନତା ଦଳ । ରବିବାର ଦିନ ପାରାଦୀପ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପରିସରରେ ପୂର୍ବତନ ବିଧାୟକ ସମ୍ବତି ରାଉତରାୟ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ଦୃଢ ନିନ୍ଦା କରିବା ସହିତ ପୋଲିସ୍ ଏ ଦିଗରେ ଦୋଷୀମାନଙ୍କୁ ଧରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଦାବୀ କରିଛନ୍ତି । ସାରା



ରାଜ୍ୟରେ ଆଇନ୍ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହେଲାଣି । ଏ ଅପରାଧ ପଛରେ ପରଜୀବୀଙ୍କ ହାତ ଥିବା ସେ ସ୍ପଷ୍ଟ ଭାବେ କହିଥିଲେ । ଏହି ପରଜୀବୀ ପାରାଦୀପରେ ଅଶାନ୍ତି ସୃଷ୍ଟି କରୁଛନ୍ତି । ପୋଲିସ୍ ପ୍ରଶାସନ ଉପରେ ତାଙ୍କର ଓ ଦଳର ଭରସା ଅଛି, ପୋଲିସ୍ ନିଶ୍ଚିନ୍ତ ଭାବେ ଅପରାଧୀଙ୍କୁ ଧରିବ ବୋଲି ଶ୍ରୀ ରାଉତରାୟ ସାମ୍ବାଦିକ ସମ୍ମିଳନୀରେ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ନଗରପାଳ ବସନ୍ତ ବିଶ୍ୱାଳ, ନଗର ବିଜେଡି ସଭାପତି କୁମରବର ନାୟକ, ମହିଳା ବିଜେଡି ଉପ-ସଭାନେତ୍ରୀ ସବିତା ମହାପାତ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅରୁଣ କୁମାର ବେହେରା,ପୂର୍ବତନ ପାରିଷଦ ଶଙ୍କର ପ୍ରସାଦ ରାଉତରାୟ, ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ର, ପୋତାନଇ ସମିତି ସଭ୍ୟ ସତ୍ୟବାନ ମୁଦୁଲି, ବିଚିତ୍ରାନନ୍ଦ ପ୍ରଧାନ, ପୂର୍ବତନ ବିଧାୟକଙ୍କ ପ୍ରତିନିଧି ରଶ୍ମିରଂଜନ ପରିଡା,ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ ରଂଜନ ପରିଡାଙ୍କ ସମେତ ପାରାଦୀପ ପୌର ପାଳିକାର ପାରିଷଦଙ୍କ ସମେତ ଦଳୀୟ ନେତାମାନେ ଯୋଗ ଦେଇ ଏହି ଘଟଣାକୁ ଦୃଢ ଭାବେ ନିନ୍ଦା କରିଥିଲେ । ଅପରପକ୍ଷରେ ଏହି ଘଟଣା ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଘଟଣାସ୍ଥଳରେ ସାଇଫିକ୍ ଟିମ୍ ସହିତ ପହଂଚି ଘଟଣାର ଅନୁଧ୍ୟାନ କରି ଫେରିବା ପରେ ପାରାଦୀପ ପୋଲିସ୍ ୬ଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣା ପଡିଛି ।

# ମାଲକାନଗିରିରେ ଶିକ୍ଷା ବିଭାଗର ବଡ଼ ସମୀକ୍ଷା : ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ କଡ଼ା ନିର୍ଦ୍ଦେଶ

ମାଲକାନଗିରି, ୩୧/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ସୁଧାର ଓ ବ୍ୟାପକ ବିକାଶ ପାଇଁ ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀଙ୍କ ସମେତ ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ଅଭିଯାନର ପ୍ରମୁଖ କର୍ମକର୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଚାଲିଥିବା ବିଭିନ୍ନ ଶିକ୍ଷାଭିତିକ କାର୍ଯ୍ୟକ୍ରମ, ସରକାରୀ ଯୋଜନା ଓ ଏହାର ପ୍ରଗତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ସରକାରୀ ଅନୁଦାନ ଏବଂ ସେବାଗୁଡ଼ିକ କିପରି ସଠିକ୍ ଭାବେ ଏବଂ ସ୍ୱଚ୍ଛତାର ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚି ପାରିବ, ସେ ନେଇ ବୈଠକରେ ବିସ୍ତୃତ ରୋଡମାପ ପ୍ରସ୍ତୁତ କରାଯାଇଛି। ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ଏବଂ ବିଦ୍ୟାଳୟଗୁଡ଼ିକର ଭିତିଭୂମିରେ ଉନ୍ନତି ଆଣିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ଆବଶ୍ୟକୀୟ ଦିଗଦର୍ଶନ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଏବଂ ସମଗ୍ର ଶିକ୍ଷା ଅଭିଯାନର ଷ୍ଟାଫ୍ ମାନଙ୍କୁ ଏକ କଡ଼ା ବାର୍ତା ଦେଇ କହିଛନ୍ତି ଯେ, ଶିକ୍ଷା କ୍ଷେତ୍ରରେ କୌଣସି ପ୍ରକାରର ଶିଥିଳତା ବରଦାସ୍ତ କରାଯିବ ନାହିଁ। କେବଳ କାଗଜପତ୍ରରେ ନୁହେଁ, ବରଂ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷାର ମାନ ବାସ୍ତବରେ ବଦଳିବା ଦରକାର। ସମସ୍ତ ଅଧିକାରୀ ନିୟମିତ ଭାବେ ଗ୍ରାଉଣ୍ଡ ସ୍ତରରେ ସ୍କୁଲ ପରିଦର୍ଶନ କରିବା ସହ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ଉପରେ କଡ଼ା ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ଶେଷ ସୀମାରେ ଥିବା ପିଲାଟି ପାଖରେ ଯେପରି ଗୁଣାତ୍ମକ ଶିକ୍ଷା ପହଂଚି ପାରିବ, ତାହା ନିଶ୍ଚିତ କରିବାକୁ ସେ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି।

# ଡ଼କାୟତି ଯୋଜନା ପଣ୍ଡ : ପୋଲିସ ଏନକାଉଂଟରରେ ଜୟ ଚୌହାନ ଆହତ, ୫ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

ଝାରସୁଗୁଡା, ୩୧/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ପୋଲିସ ଏକ ବଡ଼ ସଫଳତା ହାସଲ କରିଛି। ରେଙ୍ଗାଲି ଥାନା ଅଂଚଳରେ ସକ୍ରିୟ ଥିବା ଏକ ସଶସ୍ତ୍ର ଡ଼କାୟତି ଗ୍ୟାଙ୍ଗର ଯୋଜନାକୁ ପଣ୍ଡ କରିବା ସହ ୫ ଜଣ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରିଛି। ଏହି ଅପରେସନ ସମୟରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ଗ୍ୟାଙ୍ଗର ସଦସ୍ୟ ଜୟ ଚୌହାନ (୩୦) ଆହତ ହୋଇଛି। ଶନିବାର ପୂର୍ବାହ୍ନରେ ଝାରସୁଗୁଡ଼ା ପୋଲିସ ମୁଖ୍ୟାଳୟରେ ଆୟୋଜିତ ପ୍ରେସମିଟ୍ ରେ ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ଅପରେସନ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଏସପିଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପୋଲିସକୁ ଗୁପ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ଏକ ସଶସ୍ତ୍ର ଡକାୟତି ଦଳ ରେଙ୍ଗାଲି ଅଂଚଳରେ ପ୍ରବେଶ କରି ଏକ ଆର୍ଥିକ ପ୍ରତିଷ୍ଠାନ ଉପରେ ଡକାୟତି କରିବାକୁ ଯୋଜନା କରୁଛି। ଏହାପରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ଗ୍ୟାଙ୍ଗ ଉପରେ ନଜର ରଖାଯାଇଥିଲା। ଅପରେସନ ବେଳେ ଲଖନପୁର ବ୍ଲକ କଦମଘାଟ ମା' ଘଣ୍ଟେଶ୍ୱରୀ ମନ୍ଦିର ନିକଟରେ ଏକ ସନ୍ଦିଗ୍ଧ ପିକଅପ୍ ଭ୍ୟାନକୁ ପୋଲିସ ଚିହ୍ନଟ କରିଥିଲା। ପୋଲିସ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଅପରାଧୀମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହାପରେ ପୋଲିସ ପକ୍ଷରୁ ଗାଡ଼ିର ପଛ ଭାଗକୁ ଲକ୍ଷ୍ୟ କରି ନିୟନ୍ତ୍ରିତ ଗୁଳି ଚାଳନା କରାଯାଇଥିଲା। ଏହି ସମୟରେ ଜୟ ଚୌହାନ ପୋଲିସ ଦଳ ଉପରେ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ବାରମ୍ବାର ଆତ୍ମସମର୍ପଣ କରିବାକୁ ସତର୍କ କରାଯାଇଥିଲେ ମଧ୍ୟ ସେ ଗୁଳି ଚଳାଇବା ଜାରି ରଖିବାରୁ ପୋଲିସ ଆତ୍ମରକ୍ଷାର୍ଥେ ପାଲଟା ଗୁଳି ଚଳାଇଥିଲା। ଫଳରେ ଜୟର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ତାକୁ ତୁରନ୍ତ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି। ଘଟଣାସ୍ଥଳରୁ ଅନ୍ୟ ୪ ଜଣ ଅପରାଧୀ ଜଙ୍ଗଲକୁ ଫେରାର ହୋଇଥିଲେ। ତେବେ ପୋଲିସର ବ୍ୟାପକ କମ୍ବିଂ ଅପରେସନ ଓ ନାକାବନ୍ଦୀ ଫଳରେ ସେମାନଙ୍କୁ ମଧ୍ୟ ପରବର୍ତୀ ସମୟରେ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଜୟ ଚୌହାନ (୩୦), କରନ ଚୌହାନ (୨୮), ବିଶ୍ୱଜିତ ନାୟକ (୨୭), ସନ୍ତୋଷ ମହାତୋ ଓରଫ ବାଡେ (୨୮) ଏବଂ ରୋହିତ କୁମାର ସିଂ ଓରଫ ରବି ଓରଫ ବାରୁଦ (୩୦)। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ପେସାଦାର ଅପରାଧୀ ଏବଂ ଏମାନଙ୍କ ନାମରେ ହତ୍ୟା ଉଦ୍ୟମ, ଡକାୟତି ଯୋଜନା, ଚୋରି, ଅପରାଧିକ ଧମକ ଓ ଆର୍ମସ ଆକ୍ଟ ଅଧୀନରେ ୧୦ରୁ ଅଧିକ ମାମଲା ରହିଛି। ପୋଲିସ ଘଟଣାସ୍ଥଳରୁ ଏକ ଦେଶୀ ପିସ୍ତଲ, ଦୁଇଟି ଖାଲି କାର୍ଟିଜ୍, ଏକ ଭୁଜାଲି, ଏକ ନକଲି ବନ୍ଧୁକ ଓ ଅପରାଧରେ ବ୍ୟବହୃତ ପିକଅପ୍ ଭ୍ୟାନ୍ ଜବତ କରିଛି। ଏହି ଘଟଣାରେ ରେଙ୍ଗାଲି ଥାନାରେ ଭାରତୀୟ ନ୍ୟାୟ ସଂହିତା ଓ ଆର୍ମସ ଆକ୍ଟ ଅଧୀନରେ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି। ଗ୍ୟାଙ୍ଗର ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ ସହ ସମ୍ପୃକ୍ତି ନେଇ ମଧ୍ୟ ପୋଲିସ ଖୋଳତାଡ଼ ଚଳାଇଛି।

# ବିଶିଷ୍ଟ ସାମାଜିକ କର୍ମୀ ଶିବ ନାରାୟଣ ରଥଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ବଲାଙ୍ଗିର, ୩୧/୦୫ (ନି.ପ୍ର): ବଲାଙ୍ଗିରର ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ଶିବ ନାରାୟଣ ରଥଙ୍କ ବିୟୋଗ ରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଟିକ୍ରାପଡା ରାମଜି ମନ୍ଦିର ଠାରେ ଶ୍ରୀକୃଷ୍ଣ ଚୈତନ୍ୟ ସେବା ସଂସ୍ଥାନ ସଭାପତି ପ୍ରକାଶ କୁମାର ନେପାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ରଥଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ସଭାରେ ଗାନ୍ଧି ପାଠାଗାର ସମ୍ପାଦକ ପ୍ରଦୀପ ସାହୁ, ବରିଷ୍ଠ ସଭ୍ୟ ଭଗବାନ ବଗର୍ତି, ଅଶୋକ ଚାନ୍ଦ, ରବି ବହିଦାର, ବଲାଙ୍ଗିର ଓକିଲ ସଂଘ ସଭାପତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ୱର୍ଗତ ରଥଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ରଥ ସିଡିଏମ୍‌ଓର ମୁଖ୍ୟ କିରାଣୀ ରୁ ଅବସର ଗ୍ରହଣ ପରେ ବଲାଙ୍ଗିର ନାଗରିକ କମିଟି, ବରିଷ୍ଠ ନାଗରିକ କମିଟି, ରେଳ ଉପଭୋକ୍ତ ସଂଘ, ବ୍ରାହ୍ମଣ ମହାସଭା, ପର୍ଶୁରାମ ବାହିନୀ, ଗାନ୍ଧୀ ପାଠାଗାର, ଟିକ୍ରାପଡା ଅହୋରାତ୍ର ନାମଯଜ୍ଞ କମିଟି, ଗିରି ଗୋବର୍ଦ୍ଧନ ପୂଜା କମିଟି ର ସକ୍ରିୟ ସଭ୍ୟ ରହି ବିଭିନ୍ନ ସାମାଜିକ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସକ୍ରିୟ ରହୁଥିଲେ । ତାଙ୍କ ଅକାଳ ବିୟୋଗ ରେ ସମାଜ ଜଣେ ଦକ୍ଷ ସମାଜସେବି କୁ ହରାଇଲା ବୋଲି ଗାନ୍ଧି ପାଠାଗାର ସଭାପତି ପ୍ରକାଶ କୁମାର ନେପାକ କହିଛନ୍ତି । ଉକ୍ତ ସଭାରେ ଶ୍ରୀକୃଷ୍ଣ ଚୈତନ୍ୟ ସେବା ସଂସ୍ଥାନ ସମ୍ପାଦକ ଅଙ୍କୁଶ ହୋତା, ହରେକୃଷ୍ଣ ପାତ୍ର (କୁନୁ) ସ୍ୱର୍ଗତ ରଥଙ୍କ ପରିବାରବର୍ଗ ଙ୍କୁ ସମବେଦନା ଜଣାଇଥିଲେ । ବରିଷ୍ଠ ସଭ୍ୟ ରାଜେନ୍ଦ୍ର ମିଶ୍ର, ବୈଷ୍ଣବ ସାହୁ, ଗୋପବନ୍ଧୁ ରଥ, ଅନୁ ବେହେରା, ଶରତ ଷାଣ୍ଢ, ଦୁର୍ଗା ସାହୁ, ସୁରେଶ ଅଗ୍ରୱାଲ, ଦ୍ୱିଜରାଜ ମିଶ୍ର, ପିଙ୍କୁ ପଣ୍ଡା, ପବନ ଅଗ୍ରୱାଲ, କାଉନସିଲର ମହେନ୍ଦ୍ର ବାଗ, ଟିଟୁ ମହାରଣା, ଅଶୋକ ଦାସ ତଥା ଗାନ୍ଧି ପାଠାଗାର ଓ ଟିକ୍ରାପଡା ଅହୋରାତ୍ର ନାମଯଜ୍ଞ ର ସମସ୍ତ ସଭ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଉତ୍କଳ ମହିଳା ବିକାଶ ପରିଷଦର ରୌପ୍ୟ ଜୟନ୍ତୀ ସମାରୋହ

ବଲାଙ୍ଗିର, ୩୧/୦୫ (ନି.ପ୍ର): "ଉତ୍କଳ ମହିଳା ବିକାଶ ପରିଷଦ"ର ରୌପ୍ୟ ଜୟନ୍ତୀ ସମାରୋହ ଅତ୍ୟନ୍ତ ଆଡମ୍ବରପୂର୍ଣ୍ଣ ଓ ଭାବବିହ୍ୱଳ ପରିବେଶରେ ସୁଶ୍ରୀ ସଂଯୁକ୍ତା ମିଶ୍ରଙ୍କ ସଭାପତିତ୍ୱ ଓ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ମହତ୍ତ୍ୱପୂର୍ଣ୍ଣ ସମାରୋହରେ ମୁଖ୍ୟ ଅତିଥି ଭାବେ ମ୍ୟୁନିସିପାଲିଟି ଚେୟାର୍ମେନ ଶ୍ରୀମତୀ ଲିକା ସାହୁ ଯୋଗଦେଇ ମହିଳା ସଶକ୍ତିକରଣ ଓ ସମାଜ ସେବା କ୍ଷେତ୍ରରେ ପରିଷଦର ଦୀର୍ଘ ୨୫ ବର୍ଷର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରି (ସିଡିଏମଓ) ଡା. ପୁଷ୍ପାଞ୍ଜଳି ମିଶ୍ର, ପୂର୍ବତନ ମହିଳା କମିଶନର ଜ୍ୟୋତିର୍ମୟୀ ପାଣିଗ୍ରାହୀ, ସାଇବର ଇନ୍ସପେକ୍ଟର ଭାରତୀୟ ନାଏକ ଓ ପ୍ରଧାନ ଶିକ୍ଷୟତ୍ରୀ ନରେନ୍ଦ୍ର ମିଶ୍ର ମଂଚାସୀନ ଥିଲେ। କାର୍ଯ୍ୟକ୍ରମ ଗଣେଶ ବନ୍ଦନାରେ ଆରମ୍ଭ ହୋଇଥିବାବେଳେ ସଂସ୍କାର ଫାଉଣ୍ଡର ଦୀନବନ୍ଧୁ ମିଶ୍ରଙ୍କୁ ସ୍ୱାଗତ ଜଣାଯାଇଥିଲା। ସମାରୋହର ଏକ ଭାବବିହ୍ୱଳ ମୁହୂର୍ତରେ ପରଲୋକଗତ ମଞ୍ଜୁଳା ମିଶ୍ରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କର ସମାଜସେବା ଓ ନାରୀ ଜାଗରଣ ପ୍ରତି ଅବଦାନକୁ ସ୍ମରଣ କରି ଏକ ସ୍ମୃତିଚାରଣ ପତ୍ର ତାଙ୍କ ସ୍ୱାମୀ ନରେନ୍ଦ୍ର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାମସ୍ୱାମୀ ମହିଳା କମିଟି, ଆଦ୍ୟାଶକ୍ତି ମହିଳା ସଂଗଠନ, କବୟିତ୍ରୀ ଡା. ବାସନ୍ତୀ ହନୁମାନ, ସମାଜସେବୀ ରୋଲିନି ଦାଶ, ପଦ୍ମାବତୀ ମେହେର ଓ ଶ୍ରୀ ନରେନ୍ଦ୍ର ମିଶ୍ରଙ୍କୁ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ବଲାଙ୍ଗୀର ବାର୍ ଆସୋସେସନ ର ଓକିଲ ସଂଘଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହକୁ ଆହୁରି ଆକର୍ଷଣୀୟ କରିଥିଲା ବିଭିନ୍ନ ପ୍ରକାରର ପ୍ରତିଯୋଗିତା। ରଙ୍ଗୋଲି, ଶଙ୍ଖ ଧ୍ୱନି, ହୁଳହୁଳି, ମ୍ୟୁଜିକାଲ ଚେୟାର ଓ ନୃତ୍ୟ ପ୍ରତିଯୋଗିତାରେ ବହୁ ମହିଳା ଓ ଯୁବତୀ ଅଂଶଗ୍ରହଣ କରିଥିଲେ। ଶେଷରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରୌପ୍ୟ ଜୟନ୍ତୀ ସମାରୋହ ମାଧ୍ୟମରେ "ଉତ୍କଳ ମହିଳା ବିକାଶ ପରିଷଦ" ନାରୀ ସଶକ୍ତିକରଣ, ସାମାଜିକ ସଚେତନତା ଓ ସେବାର ଯେଉଁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଛି, ତାହାକୁ ସମସ୍ତ ଅତିଥି ଓ ଉପସ୍ଥିତ ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀମତୀ ରଂଜିତା ମିଶ୍ର ପରିଚାଳନା କରିଥିଲେ ଓ ସଭାନେତ୍ରୀ ଶ୍ରୀମତୀ କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଫକୀର ମୋହନଙ୍କୁ ଦଲାଲ କହିବା ଆମ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଚାବୁକ ପ୍ରହାର : ବିରୋଧ କଲେ ଫକୀର ମୋହନ କଲେଜର ପୁରାତନ ଛାତ୍ର ସଂସଦ

ବାଲେଶ୍ୱର , ୩୧/୦୫ (ନି.ପ୍ର): ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତି ଅଶୋଭନୀୟ ଓ ଅପମାନଜନକ ମନ୍ତବ୍ୟକୁ ନେଇ ସାରା ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏହାକୁ ନେଇ ବାଲେଶ୍ୱରର ପ୍ରତିଷ୍ଠିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ଜରୁରୀ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଅଭିଲାଷ ପଣ୍ଡା ନାମକ ଜଣେ ବ୍ୟକ୍ତି ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ପୁରୋଧା ତଥା କଥାସମ୍ରାଟ ଫକୀର ମୋହନଙ୍କୁ 'ଇଂରେଜଙ୍କ ଦଲାଲ' ବୋଲି ଆକ୍ଷେପ କରିଥିବା ଭଳି ଏକ ଅତ୍ୟନ୍ତ ଅପରିପକ୍ୱ ତଥା ଦୁର୍ଭାଗ୍ୟଜନକ ମନ୍ତବ୍ୟ ଦେଇଛନ୍ତି, ଯାହାକୁ ନେଇ ସାରସ୍ୱତ ଜଗତ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ପୁରାତନ ଛାତ୍ର ସଂସଦର ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ



ଆୟୋଜିତ ଏହି ସ୍ୱତନ୍ତ୍ର ବୈଠକରେ ଉପସ୍ଥିତ ସଦସ୍ୟମାନେ ଅଭିଲାଷ ପଣ୍ଡାଙ୍କର ଏଭଳି ଅଜ୍ଞାନତାପୂର୍ଣ୍ଣ ମନ୍ତବ୍ୟକୁ କଠୋର ଭାଷାରେ ନିନ୍ଦା କରିବା ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉକ୍ତ ପ୍ରତିବାଦ ସଭାରେ ବକ୍ତାମାନେ ମତ ପ୍ରକାଶ କରିଥିଲେ ଯେ ବ୍ୟାସକବି ଫକୀର ମୋହନ ସେନାପତି କେବଳ ଜଣେ ସାହିତ୍ୟିକ ନଥିଲେ, ବରଂ ସେ ଥିଲେ ଓଡ଼ିଆ ଜାତିର ନମସ୍ୟ ଏବଂ ସ୍ୱାଭିମାନର ପ୍ରତୀକ। ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେତେବେଳେ ପଡ଼ୋଶୀ ଭାଷାଭାଷୀଙ୍କ ଚକ୍ରାନ୍ତ ଓ ପ୍ରଶାସନିକ ଅବହେଳା ଯୋଗୁଁ ଓଡ଼ିଶାରେ ଓଡ଼ିଆ ଭାଷାର ଅସ୍ତିତ୍ୱ ବିପନ୍ନ ହୋଇପଡ଼ିଥିଲା, ସେତେବେଳେ ସେ ନିଜ ଜୀବନକୁ ବାଜି ଲଗାଇ ଭାଷାର ସୁରକ୍ଷା ପାଇଁ ଏକ ଅଭେଦ୍ୟ ରକ୍ଷାକବଚ ସାଜିଥିଲେ। ବାଲେଶ୍ୱର ମାଟିରୁ ପ୍ରେସ ପ୍ରତିଷ୍ଠା କରିବା ଠାରୁ ଆରମ୍ଭ କରି ପତ୍ରପତ୍ରିକା ପ୍ରକାଶନ ଏବଂ କାଳଜୟୀ ସାହିତ୍ୟ ସୃଷ୍ଟି ମାଧ୍ୟମରେ ସେ ଓଡ଼ିଆ ଜାତୀୟତାକୁ ନୂତନ ଦିଶା ଦେଇଥିଲେ। ମାତ୍ର ତାଙ୍କର ଏହି ମହାନ ଉତ୍ସର୍ଗୀକୃତ ଜୀବନୀ ଓଡ଼ିଶାର ସାଂସ୍କୃତିକ ଇତିହାସର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ହୋଇଥିବା ବେଳେ, ଓଡ଼ିଆ ଭାଷା-ସାହିତ୍ୟର ସାଧାରଣ ଜ୍ଞାନ ନଥିବା ଅଭିଲାଷ ପଣ୍ଡାଙ୍କ ଭଳି ବ୍ୟକ୍ତି 'ଅଳ୍ପ ବିଦ୍ୟା ଭୟଙ୍କରୀ' ନ୍ୟାୟରେ ଏଭଳି କୁତ୍ସାରଟନା କରିବା ଜାତି ପାଇଁ ବଡ଼ ବିଡ଼ମ୍ବନା। ନିଜର ସଂକୀର୍ଣ୍ଣ ମାନସିକତା ତଥା ଶସ୍ତା ପ୍ରସିଦ୍ଧି ପାଇଁ ଇତିହାସକୁ ବିକୃତ କରି ବ୍ୟାସକବିଙ୍କ ଭଳି ଯୁଗପୁରୁଷଙ୍କ ପ୍ରତି ଏଭଳି ଅପଶବ୍ଦ ପ୍ରୟୋଗ କରିବା ଦ୍ୱାରା ସାରା ଓଡ଼ିଆ ଜାତି ମର୍ମାହତ ହୋଇଛି। ଏହି ସଭାରେ ସଂସଦ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି ଯେ, ଯଦି ସମ୍ପୃକ୍ତ ବ୍ୟକ୍ତି ନିଜର ଏହି କୁତ୍ସିତ ମନ୍ତବ୍ୟ ପାଇଁ ସାର୍ବଜନୀନ ଭାବେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ନ କରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ଏବଂ ଓଡ଼ିଆ ଜାତି କେବେହେଲେ ତାଙ୍କୁ କ୍ଷମା ଦେବ ନାହିଁ। ବ୍ୟାସକବିଙ୍କ ସ୍ମୃତିପୂତ ଏହି ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ତାଙ୍କ ସମ୍ମାନର ସୁରକ୍ଷା ପାଇଁ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିବାଦ ସଭାରେ ସଂସଦର ସମ୍ପାଦକ ଅନୀଲ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ସଦସ୍ୟ ଯଥା ଅଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ପୀତମ୍ବର ଦାସ, ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ରାଧାରଞ୍ଜନ ପଟ୍ଟନାୟକ, ଡ. ସୁଧାଂଶୁ ପରିଡା, ବିନୟ କୁମାର ମହାପାତ୍ର, ଦେବାଶିଷ ଦାସ, ରାଜେନ୍ଦ୍ର କିଶୋର ରାୟ, ଅମୃତାଂଶୁ ପଟ୍ଟନାୟକ, ଶ୍ୟାମ ଜେନା, ଦେବାଶିଷ ପାଣି, ଜୟ କୃଷ୍ଣ ମହାନ୍ତି, ପଦ୍ମଲୋଚନ ଦତ୍ତ, ଓମ ପ୍ରକାଶ ରଣା ଏବଂ ଭାଗ୍ୟଜ୍ୟୋତି ଦେ ପ୍ରମୁଖ ଉପସ୍ଥିତ ରହି ଏହି ଭାଷା-ବିରୋଧୀ ମାନସିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ବୈଠକର ଶେଷ ପର୍ଯ୍ୟାୟରେ ସଦସ୍ୟ ବିନୟ କୁମାର ମହାପାତ୍ର ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ଓ ସଂସଦର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି ୱ୍ୱଣ୍ଡରଲାର ଲାଇଫଗାର୍ଡ କର୍ମଚାରୀ

ଖୋରଧା, ୩୧/୫ (ନି.ପ୍ର): ଖୋରଧା ନିକଟବର୍ତ୍ତୀ କୁମାରବସ୍ତ ଗ୍ରାମ ନିକଟରେ ଅବସ୍ଥିତ ୱ୍ୱଣ୍ଡରଲା ୱାଟର ପାର୍କକୁ ଦୈନିକ ବହୁ ସଂଖ୍ୟାରେ ପର୍ଯ୍ୟଟକ, ସ୍ଥାନୀୟ ଅଧିବାସୀ ଏବଂ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ମନୋରଞ୍ଜନ ପାଇଁ ଆସୁଥିବା ବେଳେ ଏଣ୍ଟ୍ରି ଫି ବାବଦ ୧୨୦୦ ରୁ ଅଧିକ ଟଙ୍କା ଦେବାକୁ ପଡୁଛି । ଭିତରେ ଥିବା ୱାଟର ପାର୍କ ରେ ଗାଧେଇ ବା ପିନ ପାର୍କ ଭିତରେ ଥିବା କାଉଣ୍ଟରରୁ ଡ୍ରେସ କିଣିବା ପାଇଁ ବାଧ କରାଯାଉଛି । ଯେଉଁ ପର୍ଯ୍ୟଟକ ମାନେ ୱାଟର ପାର୍କ ରେ ଗାଧେଇବା ପାଇଁ ବାହାରୁ ଡ୍ରେସ ସାଙ୍ଗରେ ନେଇ ଗଲେ ବିଭିନ୍ନ ଆଳ ଦେଖାଇ ସେହି ଡ୍ରେସ ପିନ୍ଧି ଗାଧେଇବା ପାଇଁ ଅନୁମତି ଦିଆଯାଉ ନାହିଁ । ଏପରିକି ସାଙ୍ଗରେ ନେଇ ଯାଇଥିବା ନିଜ ର ଜିନିଷ ପତ୍ର ରଖିବା ପାଇଁ ଲଗେଜ ରେ ରଖିବାକୁ ବାଧ କରାଯିବା ସହିତ ସେଥିପାଇଁ ଚଢାଦର ନିଆଯାଉଛି । ଏପରିକି ଭିତରେ ଥିବା କ୍ୟାଣ୍ଟିନି ରେ ନିମ୍ନ ମାନର ଖାଦ୍ୟ ପର୍ଯ୍ୟଟକ ମାନଙ୍କୁ ଦେବା ସହିତ ଚଢା ଦର ନିଆଯାଉଛି । ପାର୍କ ଭିତରେ ନିୟୋଜିତ ଲାଇଫ ଗାର୍ଡ ବିଶାଲ ପଟ୍ଟନାୟକ ପର୍ଯ୍ୟଟକ ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ଅଭିଯୋଗ ହେଉଛି । ୱାଟର ପାର୍କ ର ପାଣି ନିୟମିତ ଭାବରେ ନିଷ୍କାସନ ବା ସଫା କରଯାଉନଥିବା ଏବଂ ମଳ ଭାସୁଥିବା ନେଇ କିଛି ପର୍ଯ୍ୟଟକ ଅଭିଯୋଗ କରିଥିଲେ ମଧ୍ୟ ପାର୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା କହିଛନ୍ତି । ଏହି ମଇଳା ପାଣି ରେ ଗାଧେଇବା ଦ୍ୱାରା ବିଭିନ୍ନ ପ୍ରକାର ର ଚର୍ମ ରୋଗ ହେଉଥିବା ନେଇ ମଧ୍ୟ ଅଭିଯୋଗ ହେଉଛି । ଏପରିକି ବିନା କୌଣସି ସରକାରୀ ଅନୁମତି ରେ ପାର୍କ ନା ରେ ଜଙ୍ଗଲ ଜମି ଜବର ଦଖଲ ସହିତ, ବ୍ୟାପକ ଗଛ କାଟି ପରିବେଶ କୁ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଏହି ଗମ୍ଭୀର ମାମଲା ରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ( ଏନ.ଜି.ଟି) ରାଜ୍ୟ ମୁଖ୍ୟ ଶାସନ ସଚିବ, ଖୋରଧା ଜିଲ୍ଲାପାଳ ଏବଂ ସମ୍ପୃକ୍ତ କମ୍ପାନୀ ସମେତ ୧୨ ଜଣ ଙ୍କୁ ନୋଟିସ ଜାରି କରିଛନ୍ତି, ଯାହା ଚର୍ଚ୍ଚାର ବିଷୟ ପାଲଟିଛି । ପାର୍କ କର୍ତ୍ତୃପକ୍ଷଙ୍କ ଏପରି ମନୋବୃତ୍ତି ଯୋଗୁଁ ସାଧାରଣ ରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଜିଲ୍ଲା ପ୍ରସାଶନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

## ନୀଳଗିରି ଯୁକ୍ତଦୁଇ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ଅବସର

ନୀଳଗିରି , ୩୧/୫ (ନି.ପ୍ର): ନୀଳଗିରି କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟାପକ କାର୍ତ୍ତିକଚନ୍ଦ୍ର ସାହୁ ଆଜି ସେବାନିବୃତ୍ତ ହୋଇଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଇଂ ଦିପ୍ତିକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବରେ ରତ୍ନାକର ଟାଉନହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦବିହାରୀ ପଣ୍ଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ଶଚିନ୍ଦ୍ରନାଥ କର, ସମ୍ମାନିତଅତିଥି ଭାବେ ପ୍ରତିଷ୍ଠାତା ସମ୍ପାଦକ ସଦାଶିବ ରଥ, ଅନ୍ୟ ଅତିଥିଭାବେ ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡା, ଅଧ୍ୟାପିକା ରାଜଶ୍ରୀ ବେହେରା, ଅଧ୍ୟାପକ ହେମନ୍ତକୁମାର ବେହେରା ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟକୁ ଜିରୋ ରୁ ହିରୋ ସଜାଇବା ନିମନ୍ତେ ଶ୍ରୀ ସାହୁଙ୍କର କାର୍ଯ୍ୟଦକ୍ଷତାର ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ ସଭାରେ ଛାତ୍ରୀ, ପୁରାତନଛାତ୍ରୀ, ଅଧ୍ୟାପକ, କର୍ମଚାରୀମାନେ ବିଦାୟୀ ଅଧ୍ୟକ୍ଷଙ୍କ ଗୁଣାବଳୀ ଓ ସହୃଦୟତାର ସ୍ମୃତିଚାରଣ କରିଥିଲେ। ଏହି ବିଦାୟୀ ସମ୍ବର୍ଦ୍ଧନା ସଭାରେ ଏକ ଭାବବିହ୍ୱଳ ପରିବେଶ ଦେଖିବାକୁ ମିଳିଥିଲା। ଗ୍ରନ୍ଥାଗାରିକ ଭାସ୍କର ବିଶ୍ୱାଳଙ୍କ ପରିଚାଳନାରେ ଆୟୋଜିତ ସଭାରେ ବିଦାୟୀ ଅଧ୍ୟକ୍ଷଙ୍କୁ ଅନୁଷ୍ଠାନ ଏବଂ ଛାତ୍ରୀମାନଙ୍କ ତରଫରୁ ଉପହାର ଏବଂ ଉପଢୌକନ ପୂର୍ବକ ଏକ ଶୋଭାଯାତ୍ରାରେ ଯାଇ ବଡୁଆ ଗ୍ରାମସ୍ଥ ବାସଭବନରେ ବିଦାୟ ଦିଆଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅପରାଜିତା ଷଡ଼ଙ୍ଗୀଙ୍କ...

ଅଭିଯୁକ୍ତ ପ୍ରକାଶ କୁମାର ସାହୁ, ଅଣ୍ଡା ଫୋପାଡ଼ିଥିବା ନାବାଳକ ଓ କାଳିଆ ବେହେରାକୁ ଉସ୍କାଇଥିଲା। ଅଭିଯୁକ୍ତ ସାହୁଙ୍କୁ ଖୋର୍ଦ୍ଧା ଜେଏମ୍ଏଫ୍ସି କୋର୍ଟରେ ହାଜର କରାଯାଇଥିବା ବେଳେ ନାବାଳକ ଅଭିଯୁକ୍ତକୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ତଦନ୍ତରେ ଉକ୍ତ ନାବାଳକ ଅଭିଯୁକ୍ତ ବିରୋଧରେ ବୋଲଗଡ଼ ଥାନାରେ ଦୁଇଟି ଅପରାଧିକ ମାମଲା ପୂର୍ବରୁ ରହିଥିବା ଜଣାଯାଇଛି।

### ବିଳମ୍ବିତ ମୌସୁମୀ...

ଜମି ଫାଟି ଆଁ କରିଛି। କ୍ଷେତରେ ଗୋରୁ ଚରୁଛନ୍ତି। ଜମିରେ ହଳ କରିଦେଇଥିବା ଲୋକ ବର୍ଷାକୁ ଚାହିଁ ରହିଛନ୍ତି। ହେଲେ ଆକାଶରେ ମେଘ ଖଣ୍ଡିଏ ବି ନାହିଁ। ଚାଷ ବିଳମ୍ବ ଚାଷୀକୁ ଯନ୍ତ୍ରଣା ଦେଲାଣି । ଜୁନରେ ଦୁର୍ବଳ ମୌସୁମୀ ଚାଷ କାର୍ଯ୍ୟକୁ ପ୍ରଭାବିତ କରିବ ତା ନୁହେଁ ଆସନ୍ନ ମରୁଡ଼ି ଆଶଙ୍କାକୁ ଆହୁରି ବଢ଼ାଇ ଦେବ।

### ୧୫ ଦିନ ମଧ୍ୟରେ ଭତ୍ତା...

ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । କେନ୍ଦ୍ର ଓ ରାଜ୍ୟ ଯୁଗ୍ମ ଭାବେ ଭତ୍ତା ଦେବା ପାଇଁ ବ୍ୟବସ୍ଥା କରୁଛନ୍ତି । ନୂଆ ସଫ୍ଟଓୟାର ପାଇଁ ଦୁଇ ମାସ ଧରି ଭତ୍ତା ଦେବାରେ ବ୍ୟତିକ୍ରମ ଦେଖାଯାଉଛି । ଯେଉଁମାନେ ପାଇନାହାନ୍ତି ଏକକାଳୀନ ପାଇବେ ।

### ଭାରତୀୟ ନୌସେନାର...

ଭାରତୀୟ ନୌସେନାର ୨୭ ତମ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ସାଉଥ୍ ବ୍ଲକ୍ ଲନରେ ତାଙ୍କୁ ଭବ୍ୟ ଏବଂ ପାରମ୍ପରିକ ''ଗାର୍ଡ ଅଫ୍ ଅନର'' ପ୍ରଦାନ କରାଯାଇଥିଲା, ଯେଉଁଠାରେ ତାଙ୍କ ପତ୍ନୀ ଓ ଦୁଇ କନ୍ୟା ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟଭାର ଗ୍ରହଣ କରିବା ପରେ ମିଡିଆକୁ ଦେଇଥିବା ନିଜର ପ୍ରଥମ ସମ୍ବୋଧନରେ ନୂତନ ନୌସେନା ମୁଖ୍ୟ ଭାରତୀୟ ସେନାର ମିଳିତ ସମନ୍ୱୟ, ''ଆତ୍ମନିର୍ଭରଶୀଳତା'' ଓ ପ୍ରତିରକ୍ଷା ଉପକରଣର ସ୍ୱଦେଶୀକରଣ ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ଏବଂ ଏହା ତାଙ୍କ କାର୍ଯ୍ୟକାଳର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି କହିଛନ୍ତି। ସେ ଭାରତୀୟ ନୌସେନାର ଯବାନ ଓ ଅଧିକାରୀମାନଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ପେସାଦାର ବୋଲି ଅଭିହିତ କରି ସେମାନଙ୍କ କଲ୍ୟାଣ, ବ୍ୟକ୍ତିଗତ ଉନ୍ନତି ଓ ବୃତ୍ତିଗତ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେବେ ବୋଲି ସ୍ପଷ୍ଟ କରିଛନ୍ତି ।

### ଥାର୍ଡ ଡିଗ୍ରୀ ମାମଲା...

ନେଇ ଡାକ୍ତରଙ୍କଠାରୁ ପଚାରି ବୁଝିଥିଲେ। ଏବେ ରାକେଶଙ୍କ ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ଉନ୍ନତି ଆସିଥିବା କହିଛନ୍ତି ଉଭୟ ନେତା। ପରେ ବାଙ୍କୀ ବିଧାୟକ କଟକ ଡିସିପିଙ୍କୁ ଭେଟି ଆଲୋଚନା କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ସେନେଇ ଆଲୋଚନା କରିଥିଲେ। ସେହିପରି ବିଜେପି ନେତା ବୁଲୁ ଚକ୍ରବର୍ତ୍ତୀ କହିଛନ୍ତି ଯେ ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆକ୍ରୋଶ ରହିଛି। IICଙ୍କୁ କେବଳ ବଦଳି କରିଦେଲେ ହେବ ନାହିଁ। ଯିଏ ଦୋଷୀ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ।

### ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ...

ଅନେକ ଛାତ୍ର ନିଟ୍ ଭଳି ପରୀକ୍ଷାକୁ ଅଧିକ ଗୁରୁତ୍ୱ ଦେଇ ଆୟୋଜନ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଅନ୍ୟପକ୍ଷରେ ରାଞ୍ଚିର ଦ୍ୱାଦଶ ଛାତ୍ର ସାର୍ଥକ ସିଦ୍ଧାନ୍ତଙ୍କ ସିବିଏସଇ OSM ଟେଣ୍ଡର ପ୍ରକ୍ରିୟାର ଅନିୟମିତତାର ଖୁଲାସା ପରେ ଏହାକୁ ନେଇ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି । ପୂର୍ବରୁ ବିବାଦରେ ଥିବା କମ୍ପାନୀ COEMPT EDUTECK କିଭଳି ଟେଣ୍ଡର ପାଇଲା ତାକୁ ନେଇ ପ୍ରଶ୍ନ ଉଠାଇଥିଲେ ସାର୍ଥକ। ଏହି କମ୍ପାନୀକୁ ଯେଭଳି ଟେଣ୍ଡର ମିଳିବ ସେଥିଲାଗି ସିବିଏସଇ ପକ୍ଷରୁ ଟେଣ୍ଡର ବ୍ୟବସ୍ଥାକୁ ତିନି ତିନ ଥର ବଦଳାଯାଇଥିବା ସେ ଅଭିଯୋଗ କରିଛନ୍ତି।

# ଓଡ଼ିଶା ବ୍ରାହ୍ମଣ ମହାସଭା ଜିଲ୍ଲା ସମ୍ମିଳନୀ

## ସମାଜକୁ ଜ୍ଞାନ ପ୍ରଦାନ କରି ଏକ ଶୃଙ୍ଖଳିତ ସମାଜ ଗଠନ ବ୍ରାହ୍ମଣମାନଙ୍କର ଧର୍ମ




ବାରିପଦା , ୩୧/୫ (ନି.ପ୍ର): ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର ଜିଲ୍ଲା ସମ୍ମିଳନୀ ଓ ବନ୍ଧୁମିଳନ ସମାରୋହ ମହାସଭାର ସ୍ଥାୟୀ ସଭାପତି ଡା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରଘୁନାଥପୁରସ୍ଥିତ ଶ୍ରୀ ଶ୍ରୀ ହରିହର ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଉକ୍ତ ସମାରୋହରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବ୍ରାହ୍ମଣ ମାନେ ଜ୍ଞାନର ଅଧିକାରୀ ଏବଂ ସମାଜକୁ ଜ୍ଞାନ ପ୍ରଦାନ କରି ଏକ ଶୃଙ୍ଖଳିତ ସମାଜ ଗଠନ ବ୍ରାହ୍ମଣ ମାନଙ୍କର ଧର୍ମ ବୋଲି କହିଥିଲେ। ଉଦଳା ପୌରପାଳିକାର ଅଧକ୍ଷା ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା, ଶିକ୍ଷାବିତ ତଥା କେନ୍ଦ୍ରୀୟ ବିଦ୍ୟାଳୟ, ବାରିପଦାର ଅବସରପ୍ରାପ୍ତ ଅଧକ୍ଷ ଡ. ଦାମୋଦର ପତି, ଅବସରପ୍ରାପ୍ତ ଅଧକ୍ଷ ତଥା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ବିଶିଷ୍ଟ ସମବାୟବିତ ରାଜକିଶୋର ଆଚାର୍ଯ୍ୟ, ରାଇରଙ୍ଗପୁର ବ୍ରାହ୍ମଣ ମହାସଭାର ମୁଖ୍ୟ ଦେବବ୍ରତରଥ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଆଇନ ଜୀବି ଅସିତ କୁମାର ଓତା ଓ ବିଜେପିର ମୁଖପାତ୍ର କବିବିଷ୍ଣୁ ଶତପଥୀ ସମ୍ମାନୀତ ବକ୍ତାଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମହାସଭାର ସାଧାରଣ ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ବ୍ରାହ୍ମଣ ନିଜର ଅସୀମ ତ୍ୟାଗ ଓ ମହାନୁଭବତା ବଳରେ ସମାଜରେ ଅଗ୍ରପୂଜ୍ୟ ହେବା ସହିତ ଜାତି, ଧର୍ମ, ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ମଙ୍ଗଳକାମନା କରିଥାଏ ବୋଲି ମତ ବ୍ୟକ୍ତ କରି ସରକାର ପୂଜକ ବ୍ରାହ୍ମଣମାନଙ୍କୁ ସତନ୍ତ୍ର ଭତ୍ତା ପ୍ରଦାନ, ସଂସ୍କୃତ ଭାଷାକୁ ରାଷ୍ଟ୍ର ଭାଷାର ମର୍ଯ୍ୟାଦା ତଥା ବିଭିନ୍ନ କ୍ଷେତ୍ରରେ ରହିଥିବା ସଂରକ୍ଷଣକୁ ଉଚ୍ଛେଦ କରି ସମସ୍ତଙ୍କୁ ମେଧା ଭିତ୍ତିରେ ଶିକ୍ଷା ଓ ଚାକିରୀ ତଥା ପଦୋନ୍ନତିର ସୁବିଧା ଦିଆଯାଉ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ମହାସଭାର ମୁଖପତ୍ର ବ୍ରହ୍ମ ସନ୍ଦେଶ -୨୦୨୬ କୁ ମାନ୍ୟବର ମନ୍ତ୍ରୀ ଲୋକାର୍ପଣ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ମହାସଭା ପକ୍ଷରୁ ସାମ୍ବାଦିକ ମନୋଜ କୁମାର ପଣ୍ଡା ଓ ସଞ୍ଜୟ କୁମାର ଚୌଧୁରୀଙ୍କୁ ମହାସଭା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଭାର ଯୁଗ୍ମ ସମ୍ପାଦକ ନରୋତ୍ତମ ପାଣିଗ୍ରାହୀ ଓ ସଦସ୍ୟା ସନ୍ଧ୍ୟାରାଣୀ ପଣ୍ଡା ମାନପତ୍ର ପାଠ କରିଥିବା ବେଳେ, ମହାସଭାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀ, ଉପ-ସଭାପତି ସିଦ୍ଧେଶ୍ୱର ଶତପଥୀ, ସାରଥୀ ଦାଶ, ସମ୍ପାଦକ ସଞ୍ଜୟ କୁମାର ଗୋସ୍ୱାମୀ, କୋଷାଧକ୍ଷ ସୁରେଶ କୁମାର ପାଣିଗ୍ରାହୀ, ସହ-ସମ୍ପାଦକ ବିଭୂତି ଭୂଷଣ ମିଶ୍ର ପ୍ରମୁଖ ମଧ୍ୟ ବକ୍ତବ୍ୟ ପ୍ରଦାନ କରି ବ୍ରାହ୍ମଣମାନେ ପର୍ଶୁରାମଙ୍କ ଆଦର୍ଶକୁ ଅନୁକରଣ କରି ନିଜର ନିଷ୍ଠା, ସତ୍ୟବାଦିତା, ନିର୍ଭିକତା ଓ ତ୍ୟାଗକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ରାହ୍ମଣ ମହାସଭାର ସଦସ୍ୟ ବିଜୟ କୁମାର ମହାପାତ୍ର, ଅଶ୍ୱିନୀ କୁମାର ପଣ୍ଡା, ସମିତ କୁମାର ମହାପାତ୍ର, ଅସୀମ କୁମାର ଚକ୍ରବର୍ତ୍ତୀ, ହିଂମାଂଶୁ ଶେଖର ପ୍ରହରାଜ, ସଦସ୍ୟା ଭାସ୍ୱତୀ ପଣ୍ଡା, ସନ୍ଧ୍ୟାରାଣୀ ପଣ୍ଡା, ରୀକା ପଣ୍ଡା, ଭଗବତୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ପରିଶେଷରେ ଯୁଗ୍ମ ସମ୍ପାଦକ ନରୋତ୍ତମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟ ପତ୍ରିକା ଆମେମାନେର ବିଷୁବ ସଂଖ୍ୟା ଉନ୍ମୋଚିତ




ସୋର, ୩୧/୫ (ନି.ପ୍ର): ଆଜି ସୋର ପ୍ରାଥମିକ ଶିକ୍ଷକ ଭବନ ଠାରେ ଷାଣ୍ମାସିକ ସାହିତ୍ୟ ପତ୍ରିକା ଆମେମାନେ ର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବର ମୁଖ୍ୟ ଅତିଥି ଡ ଶରତ କୁମାର ମହାନ୍ତି ଯୋଗ ଦେଇ ଶୁଦ୍ଧ ଓଡ଼ିଆ ଲିଖନରେ ବର୍ଣ୍ଣବୋଧର ପ୍ରାସଙ୍ଗିକତା ଏବଂ ଓଡ଼ିଆ ଭାଷା ବିକଳାଙ୍ଗ ଲିଖନର ସମାଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ କବି ସୋମନାଥ ଓଝା କବିତାରେ ସମସ୍ତଙ୍କୁ ମାତାଲ୍ କରିଥିବା ବେଳେ ଭଲ ସାହିତ୍ୟ ସ୍ୱଚ୍ଛ ଲୋକଙ୍କୁ ନେଇ ହୋଇପାରେ ବୋଲି ମତ ରଖିଥିଲେ। ସୌଜନ୍ୟ ସମ୍ପାଦକ ଅନିରୁଦ୍ଧ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସଂପାଦକ ଯାଯାବର ଉତ୍ସବ ପରିଚାଳନା କରିବା ସହ ସଂଯୋଜକ ମନୀନ୍ଦ୍ର କୁମାର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। ଅକ୍ଷୟ ଜେନା, ତପନ ପଣ୍ଡା, ମମତା ସାହୁ, ସିତାଂଶୁ ଲେଙ୍କା, ପ୍ରଶାନ୍ତ ମଲ୍ଲିକ, ପ୍ରଦୀପ୍ତ କୁମାର ମହାନ୍ତି, ସୁନିଲ ମିଶ୍ର, ସଞ୍ଜୟ ପଣ୍ଡା, ପ୍ରିୟଦର୍ଶିନି ନାୟକ, କବିତା ପାଠ କରିଥିବା ବେଳେ ଉଷାରାଣୀ ଜେନା, ଅତୁଲ କୁମାର ପରିଡ଼ା, ଗୋଲକ ପାତ୍ର ,ବିଶ୍ୱନାଥ ଘୋଷ, ଗୌରାଙ୍ଗ ମହାପାତ୍ର, ପ୍ରଦୀପ କୁମାର ବିଶ୍ୱାଳ, ପୂର୍ବାଶା ମହାନ୍ତି, ରମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍ସବଟିକୁ ସଫଳ କରିଥିଲେ।

## ବଡ଼ଭାଇ ନେଲା ସାନ ଭାଇର ଜୀବନ

ବଲାଙ୍ଗୀର, ୩୧/୫ (ନି.ପ୍ର): ମଦ ପିଇ ମାତାଲ ହୋଇ ଝଗଡ଼ା ହେବା ପରେ ବଡଭାଇ ନେଲା ସାନ ଭାଇର ଜୀବନ। ଏହି ଘଟଣା ଟିଟିଲାଗଡ ନେହେରୁ ନଗର ସ୍ଥିତ ୱାର୍ଡ ନମ୍ବର ପାଂଚର ହୋଇଥିବା ବେଳେ ଏହି ଘଟଣାକୁ ନେଇ ଏବେ ବେଶ୍ ଚର୍ଚ୍ଚା ହେଉଛି। ଟିଟିଲାଗଡ ନେହେରୁ ନଗର ସ୍ଥିତ ୱାର୍ଡ ନମ୍ବର ପାଞ୍ଚର ନିବାସୀ କପିଲ ଓ ତାଙ୍କ ସାବତ ମା ପୁଅ ଭାଇ ଜିତେନ ଆଜି ଦ୍ୱିପହର ସମୟରେ ଏକ ସ୍ଥାନରେ ଉଭୟେ ମଦ ପିଇଲେ। ମଦ ପିଇବା ଅବସ୍ଥାରେ ହିଁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଆଉ ସେହି ଝଗଡ଼ା ଯେତେବେଳେ ଦୁଇ ଭାଇ ଘରକୁ ଆସିଲେ, ଉଗ୍ର ରୂପ ନେଇଥିଲା ଓ ବାଡ଼ିଆ ପିଟା ହୋଇଥିଲେ। ତେବେ ବଡ ଭାଇ କପିଲ ଜୋରରେ ସାନ ଭାଇ ଜିତେନକୁ ମାଡ ମାରିବା ସହ ଛୁରୀରେ ଆକ୍ରମଣ କରିବା ଫଳରେ ସେ ବେହୋସ ହୋଇ ଯାଇଥିଲେ। ନିଜେ ବଡ ଭାଇ କପିଲ ସାନ ଭାଇକୁ ଧରି ଟିଟିଲାଗଡ ସରକାରୀ ଡାକ୍ତରଖାନାକୁ ଆଣିଥିଲେ, ଡାକ୍ତର ଜିତେନକୁ ମୃତ ଘୋଷଣା କରିଛନ୍ତି। ଶବ ଗୃହରେ ଜିତେନଙ୍କ ମୃତଦେହକୁ ରଖା ଯାଇଥିବାବେଳେ ମାରିଥିବା ବଡ଼ ଭାଇ କପିଲକୁ ପୋଲିସ ନିଜ ହେପାଜତକୁ ନେଇ ପଚରାଉଚରା ଜାରି ରଖିଛି। ତେବେ ମଦ ନିଶାରେ ଦୁଇ ଭାଇଙ୍କ ଭିତରେ କୌଣସି କଥାକୁ ନେଇ ଯୁକ୍ତି ତର୍କ, କଥା କଟାକଟି ହୋଇ ମାରପିଟ ହେବା ପରେ ଶେଷରେ ବଡ ଭାଇ କପିଲର ହାତରେ ସାନ ଭାଇ ଜିତେନଙ୍କ ଜୀବନ ଚାଲିଯାଇଛି।

# ଜଙ୍ଗଲ ଜମିରେ ରାସ୍ତା ନିର୍ମାଣକୁ ନେଇ ବିବାଦ ମାମଲା: ଥାନାରେ ପୃଥକ ପୃଥକ ମାମଲା

ନୀଳଗିରି, ୩୧/୫ (ନି.ପ୍ର): ଗତ୨୮ତାରିଖ ରାତିରେ ସଂରକ୍ଷିତ ଜଙ୍ଗଲଜମିରେ ରାସ୍ତାନିର୍ମାଣକୁ ନେଇ ଜଣେ ମହିଳା ଫରେଷ୍ଟ ଗାର୍ଡଙ୍କୁ ସ୍ଥାନୀୟ ବାସିନ୍ଦା ଦୁର୍ବ୍ୟବହାର କରିଥିବାନେଇ ଗାର୍ଡଜଣଙ୍କ ନୀଳଗିରି ଥାନାରେ ଅଭିଯୋଗପରେ ୬ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିଛି ପୋଲିସ। ଅପରପକ୍ଷରେ ମହିଳା ଫରେଷ୍ଟ ଗାର୍ଡ ଜଣକ ଉକ୍ତଗ୍ରାମର ଜୈନିକ ମହିଳାଙ୍କୁ ସର୍ବସମ୍ମୁଖରେ ଜାତି ଉଠେଇ ଗାଳିଦେବା ଓ ମାଡ଼ମାରିବାକୁ ନେଇ ଥାନାରେ ପାଲଟା ଅଭିଯୋଗପରେ ପୋଲିସ ୨ଟି ପୃଥକପୃଥକ ମାମଲା ରଜୁକରି ତଦନ୍ତ କରୁଥିବା ପୋଲିସ ସୂତ୍ରରୁ ପ୍ରକାଶ। ସୂଚନା ମୁତାବକ ନୀଳଗିରି ବନବିଭାଗ ଅଧୀନ ଧୋବଶିଳା ସଂରକ୍ଷିତ ଜଙ୍ଗଲରୁ ସ୍ଥାନୀୟ ଗ୍ରାମବାସୀ ଟ୍ରାକ୍ଟର ଯୋଗେ ମାଟିଉଠାଇ ଧୋବଶିଳା ପଂଚାୟତ ୯ନମ୍ବର ୱାର୍ଡ ରାବିଡ଼ି ସାହିରୁ ଡାହିସାହିକୁ ରାସ୍ତାନିର୍ମାଣ କରାଉଥିଲେ । ହେଲେ ନିର୍ମାଣହେଉଥିବା ରାସ୍ତାଟି ସଂରକ୍ଷିତ ଜଙ୍ଗଲ ଓ ଗ୍ରାମ୍ୟଜଙ୍ଗଲ ଅଞ୍ଚଳରେ ଥିବାରୁ ଫରେଷ୍ଟଗାର୍ଡ ବବିସ୍ମିତା ସାହୁ ଏବଂ ଅନ୍ୟ ବନକର୍ମଚାରୀ ଏହାକୁ ରୋକିବାକୁ ଯାଇଥିଲେ।ହେଲେ ଗ୍ରାମର କିଛିଲୋକ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ପରେ ପୋଲିସ ୬ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଅପରପକ୍ଷରେ କଇଁଥପଦା ଗାଁ ର ସର୍ବେଶ୍ୱର ସିଂର ସ୍ତ୍ରୀ ସାବିତ୍ରୀ(୩୨) ଅଭିଯୋଗ କରିଛନ୍ତି ଯେ ରାସ୍ତାକାର୍ଯ୍ୟ ନିର୍ମାଣ ଚାଲିଥିବା ବେଳେ ଫରେଷ୍ଟଗାର୍ଡ ବବିସ୍ମିତା ସାହୁ ପହଁଚି ଗ୍ରାମବାସୀଙ୍କ ଉପସ୍ଥିତରେ ସାବିତ୍ରୀଙ୍କୁ ଜାତି ଉଠାଇ ଅଶ୍ଳୀଳ ଭାଷାରେ ଗାଳି ଗୁଳଜ କରିବାସହିତ ମାଡ଼ ମାରିଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ତେବେ ଡାହିସାହିକୁ ଏଯାଏ ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସଟିଏ ଯାଇପାରୁ ନାହିଁ କି ବର୍ଷାଦିନେ ସ୍କୁଲ, ଅନଗନ୍ୱାଡିକୁ ପିଲାମାନେ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଞ୍ଚଳ ଜଙ୍ଗଲ ଜମିରେ ଯାଉଥିବାରୁ ରାସ୍ତାନିର୍ମାଣ ହୋଇପାରୁନି। ଏନେଇ ପ୍ରଶାସନକୁ ବାରମ୍ବାର ଜଣାଇବାପରେ ବି କିଛି ପଦକ୍ଷେପ ନିଆଯାଉନି। ତେଣୁ ବାଧ ହୋଇ ଆମେ ନିଜଉଦ୍ୟମରେ ରାସ୍ତା ନିର୍ମାଣ କରୁଥିଲୁ ବୋଲି କହିଛନ୍ତି। ଦେଖିବାକୁ ବାକିରହିଲା ପ୍ରକୃତରେ ସତ କିଏ କହୁଛି। ପୋଲିସ ତଦନ୍ତରେ କେଉଁ ନିର୍ଯ୍ୟାସ ବାହାରୁଛି ତାକୁ ସମସ୍ତଙ୍କର ଅପେକ୍ଷା।

# ଆରୁହା ହରପ୍ରସାଦ ଏକାଡେମୀର ପ୍ରଧାନ ଶିକ୍ଷକ ଓ କନିଷ୍ଠ କିରାଣିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ




ଜଳେଶ୍ୱର , ୩୧/୫ (ନି.ପ୍ର): ଜଳେଶ୍ୱର ବ୍ଲକର ଆରୁହା ପଞ୍ଚାୟତ ଆରୁହା ଗ୍ରାମର ହରପ୍ରସାଦ ଏକାଡେମୀର ପ୍ରଧାନ ଶିକ୍ଷକ ବିନୟ କୁମାର ପ୍ରଧାନ ଓ କନିଷ୍ଠ କିରାଣି ସୁଧାଂଶୁ ଶେଖର ଭୂୟାଁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଏକାଡେମୀ ପରିଚାଳନା କମିଟିର ସଭାପତି ଗୌରହରି ଦାସ ଅଧକ୍ଷତା କରିଥିଲେ।ଜଳେଶ୍ୱର ଓଷ୍ଟାର ସଭାପତି ସୁକୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାବ ବିହ୍ୱଳ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ସରପଞ୍ଚ ତପନୀ ଭୂୟାଁ, ଗ୍ରାମ ସଭାପତି ଦେବକୁମାର ନନ୍ଦୀ, ଜଳେଶ୍ୱର ଓଷ୍ଟା ସଂମ୍ପାଦକ ହରେକୃଷ୍ଣ ଜେନା, ଶିମୁଳିଆ ବ୍ଲକ ଓଷ୍ଟା ସଭାପତି ଭଗବାନ ବାରିକ, ସଂପାଦକ ଉତ୍ତମ କୁମାର ଲେଙ୍କା,ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ପୀତାମ୍ବର ପତି,ଅନନ୍ତ କୁମାର ସେନାପତି, ପ୍ରସନ୍ନ କୁମାର ଦାସ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୟ କୁମାର ପ୍ରଧାନ ଏବଂ କନିଷ୍ଠ କିରାଣୀ ସୁଧାଂଶୁ ଶେଖର ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରୁ ଶିକ୍ଷାବିତ ତଥା ପ୍ରାକ୍ତନ ସଭାପତି ନୃସିଂହ ଚରଣ ପତି,ପ୍ରାକ୍ତନ ସରପଞ୍ଚ ମଧୁସୁଦନ ଦତ୍ତ, ହରିଶ୍ଚନ୍ଦ୍ର ଭୂୟାଁ, ପ୍ରାକ୍ତନ ଗ୍ରାମ ସଭାପତି ରାମକୃଷ୍ଣ ଭୂୟାଁ, ପ୍ରାକ୍ତନ ଖେଳ ଶିକ୍ଷକ ନରୋତ୍ତମ ଚକ୍ରବର୍ତ୍ତୀ, ଲେଲିନ କୁମାର ପ୍ରଧାନ,ସରସିଦା ହାଇସ୍କୁଲ ଶିକ୍ଷକ ବିପଦ କୁମାର ସାହୁ ମନୋରଞ୍ଜନ ଦତ୍ତ, ମିହିର କୁମାର ପ୍ରଧାନ, ୱାର୍ଡ ସଭ୍ୟ ଗୋପିକୃଷ୍ଣ ଦାସ, ମଧୁସୁଦନ ପ୍ରଧାନ, ଲକ୍ଷ୍ମୀକାନ୍ତ ନନ୍ଦୀ, ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଶିକ୍ଷକ ଜଗନ୍ନାଥ ଦାସ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସତ୍ୟରଞ୍ଜନ ପତି ବେଦପାଠ କରିଥିଲେ।ଶିକ୍ଷୟିତ୍ରୀ ନିବେଦିତା ଜେନା, ଶିକ୍ଷକ ବିଶ୍ୱରଞ୍ଜନ ସିଂହ,ସତ୍ୟରଞ୍ଜନ ଜେନା ଜ୍ୟୋତିର୍ମୟୀ ଭୂୟାଁ,ଦୀପକ ଦାସ ମହାପାତ୍ର, ସଚ୍ଚି ନନ୍ଦନ ଦତ୍ତ, ଦେବେନ୍ଦ୍ର ନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କଳିଙ୍ଗ ଷ୍ଟୁଡିଓ ଦୁର୍ନିତୀର ପର୍ଦ୍ଦାଫାସ ଓ ଓଏଫ୍‌ଡିସି ଅଧ୍ୟକ୍ଷ ନିଯୁକ୍ତି ଦାବି



ଭୁବନେଶ୍ୱର, ୩୧/୫ (ନି.ପ୍ର): ଭୁବନେଶ୍ୱରର ଉପେନ୍ଦ୍ର ହୋଟେଲ ଠାରେ ଅଲ ଓଡ଼ିଶା ଫିଲ୍ମ ଡ଼ାଇରେକ୍ଟର୍ସ ଆସୋସିଏସନ ଓ ଓଡ଼ିଶା ପ୍ରୋଡୁସର୍ସ ଗିଲ୍ଡ ପକ୍ଷରୁ ମଏକ ଗୁରୁତ୍ୱପୂର୍ଣ୍ଣ ସଂଯୁକ୍ତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଲା। ଏହି ସମ୍ମିଳନୀରେ ନିର୍ଦ୍ଦେଶକ ସଂଗଠନ ର ପଦ୍ମଶ୍ରୀ ଶିଶିର ମିଶ୍ର, ସଞ୍ଜୟ ନାୟକ ଓ ପ୍ରଯୋଜକ ଗିଲଡ଼ ର ଅରୁଣ ମହାନ୍ତିଙ୍କ ସହ ସଂଗଠନର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।ଏହି ସାମ୍ବାଦିକ ସମ୍ମିଳନୀରେ ସଂଯୁକ୍ତ ଭାବେ ଦୁଇ ସଂଗଠନ ଓଡିଶା ଦୁର୍ନୀତି ନିବାରଣ ବିଭାଗ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ କଳିଙ୍ଗ ଷ୍ଟୁଡିଓ ରେ ଘଟିଥିବା ଦୁର୍ନୀତି ସମ୍ବନ୍ଧରେ ଦିଆଯାଇଥିବା ଅଭିଯୋଗ ପତ୍ର ବିଷୟରେ ବିବରଣୀ ପ୍ରଦାନ କଲେ। ଏହା ସହିତ ଏହି ଧାରାରେ ଆଗକୁ ହେବା କୁ ଥିବା କାର୍ଯ୍ୟଧାରା ଉପରେ ବିସ୍ତୃତ ଆଲୋଚନା ମଧ୍ୟ ହେଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ନୂତନ ଓଡ଼ିଆ ଫିଲ୍ମ ପଲିସି, କଳିଙ୍ଗ ଷ୍ଟୁଡିଓ ର ବାକିଥିବା କାମ କିପରି ସମ୍ପୂର୍ଣ୍ଣ ହେବ ବା କେମିତି ତାହାକୁ ପନଃ ନିର୍ମାଣ ହେବ ତାହା ବିଷୟ ରେ ପ୍ରେସ କୁ ଅବଗତ କରାଇଲେ। ଯଥାଶୀଘ୍ର ଓଏଫଡ଼ିସି ଅଧ୍ୟକ୍ଷ ଭାବରେ କଳାକାର ବିନା ଉପଯୁକ୍ତ ବ୍ୟକ୍ତି ଙ୍କୁ ଚୟନ କରିବା ପାଇଁ ଉପସ୍ଥାପନା କଲେ। ଏହା ବ୍ୟତୀତ ଶୀଘ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜ ସମୟ ବାହାର କରି ଉଭୟ ସଂଗଠନ ସହ ବିସ୍ତୃତ ଆଲୋଚନା କରିବା ପାଇଁ ଆହ୍ୱାନ କଲେ।

ସୋମବାର, ଜୁନ୍ ୦୧, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାଲେଶ୍ୱରରେ 'ଗାଁ ଆମ୍ବ ପସରା': ସୁଲଭ ଦରରେ କିଣିବେ ଗ୍ରାହକ

ବାଲେଶ୍ୱର, ୩୧/୫ (ନି.ପ୍ର): ବାଲେଶ୍ୱରରେ ଓରମାସ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାଲେଶ୍ୱରରେ ଗାଁ ଆମ୍ବର ପ୍ରଚାର ପ୍ରସାର ସହ ଓଡିଶାର ଆମ୍ବ ଚାଷୀ ମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ଏବଂ ଗ୍ରାହକ ମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଆମ୍ବ ଯୋଗାଇବା ଉଦ୍ଦେଶ୍ୟ ରେ ବାଲେଶ୍ୱର ସ୍ଥିତ ମିଶନ ଶକ୍ତି ବଜାର ପ୍ରାଙ୍ଗଣ ରେ ଗାଁ ଆମ୍ବ ପସରା - ୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହା ଗତ ତା. ୨୨/୦୫/୨୦୨୬ ରିଖରେ ଆରମ୍ଭ ହୋଇଛି। ଆଗାମୀ ତା. ୧୫/୦୬/୨୦୨୬ ରିଖ ପର୍ଯ୍ୟନ୍ତ ଏହା ଖୋଲା ରହିବ। ଉପ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓରମାସ ଶ୍ରୀଯୁକ୍ତ ଶାନ୍ତନୁ ବାନାର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଖୁବ୍ ଭଲରେ ସମ୍ପାଦନ ହେଉଛି। ଓଡିଶାର ଗ୍ରାମୀଣ ଚାଷୀ ମାନଙ୍କୁ ଉପଯୁକ୍ତ ବଜାର ସୁବିଧା ଯୋଗାଇବା ଦିଗରେ ଗାଁ ଆମ୍ବ ପସରା ଏକ ଉଲ୍ଲେଖନୀୟ ପଦକ୍ଷେପ। ଏଥିରେ ବାଲେଶ୍ୱର ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରୁ ଅଣାଯାଇଥିବା ସୁନ୍ଦରୀ, ଦଶେରୀ, ଲେଙ୍ଗଡ଼ା, ଗୋପାଳ ଭୋଗ, ରାଜ ଭୋଗ, ଆମରପଲ୍ଲୀ ଓ ବାଇଗଣ ପଲ୍ଲେଇ ଭଳି ବିଭିନ୍ନ ପ୍ରଜାତି ଅନୁଯାୟୀ କିଲୋଗ୍ରାମ ପିଛା ୬୦ ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ବାଲେଶ୍ୱର ଜୀବିକା ପ୍ରଡୁସର କମ୍ପାନୀ ଲିମିଟେଡ଼ ଏବଂ ନୀଳଗିରି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ଼ର ସହଯୋଗରେ ଏହି ଆମ୍ବ ପସରା ପରିଚାଳିତ ହେଉଅଛି ।



# ମାହାଙ୍ଗା ପଡିଲା କାର୍ଯ୍ୟରେ ଅବହେଳା: ପାରାଦୀପ ଅବକାରୀ ଇନସ୍ପେକ୍ଟର ନିଲମ୍ବିତ

ପାରାଦୀପ, ୩୧/୫ (ନି.ପ୍ର): କାହାକୁ ନଜଣାଇ ଅନୁପସ୍ଥିତ ରହିବା, ଡ୍ୟୁଟିରେ ଅବହେଳା କରିବା ଘଟଣାକୁ ନେଇ ପାରାଦୀପ ଅବକାରୀ ଇନିସ୍ପେକ୍ଟର ବନ୍ଦନା ପଟ୍ଟନାୟକଙ୍କୁ ମାହାଙ୍ଗା ପଡିଛି। ଜିଲ୍ଲାପାଳଙ୍କ ସୁପାରିସି ଆଧାରରେ ଅବକାରୀ କମିଶନର ଇନିସ୍ପେକ୍ଟର ବନ୍ଦନା ନାୟକଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ସେହିପରି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ଅବକାରୀ ଅଧିକ୍ଷକଙ୍କ ଦରମା ବନ୍ଦ ପାଇଁ ବିଭାଗକୁ ଚିଠି ଲେଖିଛନ୍ତି ଜିଲ୍ଲାପାଳ। ମିଳିଥିବା ସୂଚନା ଅନୁସାରେ, ୨୨ ତାରିଖରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ଅଠରବାଙ୍କୀଠାରେ ସର୍ବ ସାଧାରଣ ରେ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ମଦୁଆ ଧରପଗଡ଼ କରାଯାଇଥିଲା। ସେହି ସମୟରେ ପାରାଦୀପ ରେଞ୍ଜ ଅବକାରୀ ଇନିସ୍ପେକ୍ଟର ବନ୍ଦନା ପଟ୍ଟନାୟକଙ୍କୁ ଖୋଜା ପଡିଥିଲା। କିନ୍ତୁ ସେ ଅନୁପସ୍ଥିତ ଥିଲେ। ଏ ସମ୍ପର୍କରେ ଅବକାରୀ ଅଧିକ୍ଷକଙ୍କୁ ମଧ ଅବଗତ କରାଯାଇଥିଲା। ଇନିସ୍ପେକ୍ଟର ବନ୍ଦନା ପଟ୍ଟନାୟକ ଉପରିସ୍ଥ ଅଧିକାରୀ ଙ୍କୁ ନଜଣାଇ ପାହାଳ ସ୍ଥିତ ତାଙ୍କ ଘରକୁ ଯାଇଥିଲେ। ଇନିସ୍ପେକ୍ଟର ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ଅବକାରୀ ଅଧିକ୍ଷକ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।କିନ୍ତୁ ଅବକାରୀ ଅଧିକ୍ଷକ କାର୍ଯ୍ୟାନୁଷ୍ଠାନ ନନେଇ କାରଣ ଦର୍ଶାୟ ନୋଟିସ ଜାରି କରିଥିଲେ।ଜିଲ୍ଲାପାଳ ଏ କଥା ଜାଣିବା ପରେ ଅବକାରୀ ଅଧିକ୍ଷକଙ୍କ ଉପରେ କ୍ଷୁବ୍ଧ ହେବା ସହ କାରଣ ଦର୍ଶାୟ ମାଗିଥିଲେ। ଏହା ପରେ ଇନିସ୍ପେକ୍ଟରଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅବକାରୀ କମିଶନରଙ୍କୁ ଚିଠି ଲେଖିଥିଲେ ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ସୁପାରିସୀ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ଅବକାରୀ ଅଧିକ୍ଷକଙ୍କ ଦରମା ବନ୍ଦ ପାଇଁ ବିଭାଗକୁ ଚିଠି ଲେଖା ଯାଇଥିବା ଜଣାପଡିଛି।

# ଇଲେକ୍ଟ୍ରିକ୍ ଟ୍ରାନ୍ସଫରମ୍ରୁ ଅଗ୍ନିକାଣ୍ଡ: ବିଦ୍ୟୁତ୍ ବିଭାଗର ଚରମ ଅବହେଳା

ବାଲେଶ୍ୱର, ୩୧/୫ (ନି.ପ୍ର): ହଠାତ୍ ମଠସାହି ବ୍ୟାଙ୍କ୍ କଲୋନୀ ସମ୍ମୁଖରେ ଥିବା ଇଲେକ୍ଟ୍ରିକ୍ ଟ୍ରାନ୍ସଫର୍ମରରେ ନିଆଁ ଲାଗି ଘ.୨.୧୫ମି. ପର୍ଯ୍ୟନ୍ତ ଜଳିବାକୁ ଲାଗିଲା। ନିଆଁର ଝୁଲ ବାଣପରି ଫୁଟିବାକୁ ଲାଗିଲା। ପାଖରେ ଥିବା ଗଛସବୁ ଜଳିଲା। ରାସ୍ତାକଡ଼ରେ ଛାଇରେ ରଖିଥିବା କାର୍ ହଟାଇବାରୁ ଅଳ୍ପକେ ରକ୍ଷା ପାଇଗଲା। ଦୁଇ ପାଖ ରାସ୍ତାରେ ଲୋକ ଦେଖଣାହାରୀ ରହିଥିଲେ। ପ୍ରାୟ ୧ ଘଣ୍ଟା ମଧ୍ୟରେ ଇଲେକ୍ଟ୍ରିକ୍ ବିଭାଗ ଲୋକେ ଓ ଦମକଳ ବିଭାଗ ଆସି ଲାଇନ୍ କାଟି ନିଆଁକୁ ଆୟତ୍ତ କରାଇଥିଲେ। ଏଥିରେ କୌଣସି ଧନ ଜୀବନ କ୍ଷୟ କ୍ଷତି ହୋଇନାହିଁ। ଲୋକଙ୍କ ମତରେ ଇଲେକ୍ଟ୍ରିକ୍ ବିଭାଗର ଅବହେଳା, କେବୁଲ୍ ତାରବାଲାଙ୍କ ଗୋଛା ଗୋଛା ତାର, ମ୍ୟୁନିସିପାଲିଟି ଦ୍ୱାରା ଲଟାପତ୍ର ସଫା ନ ରହିବା ଦ୍ୱାରା ଏପରି ଘଟିଲା। ଯଦି ଏହା ରାତ୍ରିରେ ହୋଇଥାଆନ୍ତ, ବିରାଟ ଆକାର ଧାରଣ କରିଥା'ନ୍ତା ବୋଲି ଲୋକଙ୍କ ଠାରୁ ଶୁଣିବାକୁ ମିଳେ। ସରକାର ଏହା ଉପରେ ଗୁରୁତ୍ୱ ଦେଇ ଭବିଷ୍ୟତ ପାଇଁ ସତର୍କ ରହିବା ଉଚିତ।



# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ଉଦଳା, ୩୧/୫ (ନି.ପ୍ର): ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲିପିକ ଭାବରେ କାର୍ଯ୍ୟରତ ଥିବା କର୍ମଚାରୀ ରମେଶ ଚନ୍ଦ୍ର ପୃଷ୍ଟି ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଆଜି ମଇ ୩୧ ତାରିଖ ରବିବାର ଦିନ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ତାଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ପାଇଁ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଡ଼ିହିରାକୁଳ ଗ୍ରାମରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବର୍ଣ୍ଣନା କରିବା ସହ ଏହା କିପରି ସମସ୍ତଙ୍କୁ ଆକୃଷ୍ଟ କରିଥାଏ ବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ



ଅଧ୍ୟକ୍ଷତା କରି ଡ଼ିହିରାକୁଳ ଗ୍ରାମର ସାମଗ୍ରିକ ବିକାଶ ପାଇଁ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ଅବଦାନକୁ କେବେ ଭୁଲି ହେବ ନାହିଁ ବୋଲି କହିଥିଲେ । ଡ଼େପୁଟି କଲେକ୍ଟର ପ୍ରତିକ କୁମାର ପଣ୍ଡା, ଉଦଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ କର, ତହସିଲଦାର ସୁପ୍ରଭା ଦାସ, ଅତିରିକ୍ତ ତହସିଲଦାର ଦିବ୍ୟାରନ୍ୟା ଦାସ, ବରିଷ୍ଠ ନାଗରିକ ସଂଘର ସଭାପତି ଡ଼ା. ଶଚିଦାନନ୍ଦ ପରିଡ଼ା, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଲେଖକ ତଥା ଗବେଷକ କିଶୋର ଚନ୍ଦ୍ର ଦାସବାବୁ, ଉଦଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, ସାମ୍ବାଦିକ ସନ୍ତୋଷ ବାଛିନି ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ପ୍ରତିଟି କାର୍ଯ୍ୟ କଳାପ କିପରି ସମସ୍ତଙ୍କୁ ଆନନ୍ଦ ଦେଇଥାଏ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଭୋଳାନାଥ ସାହୁ, ପୁର୍ଣ୍ଣଚନ୍ଦ୍ର ସାହୁ, ରବିକାନ୍ତ ମହାପାତ୍ର, ପ୍ରହ୍ଲାଦ ଦାସ, ପୁର୍ଣ୍ଣଚନ୍ଦ୍ର ବିଶ୍ୱାଳ, କ୍ଷୀରୋଦ ମହାନ୍ତି, ସୁବ୍ରତ ମହାନ୍ତି, ହିରଣ୍ୟ କୁମାର ପ୍ରଧାନ, ହରେକୃଷ୍ଣ ପୃଷ୍ଟି, ରତିକାନ୍ତ ପାତ୍ର, ନରେନ୍ଦ୍ର ସାହୁ ଇତ୍ୟାଦି ରମେଶ ଚନ୍ଦ୍ର ପୃଷ୍ଟିଙ୍କ ପାଇଁ ଆଜି ଡ଼ିହିରାକୁଳ ମାଟି କିପରି ଗର୍ବ ଅନୁଭବ କରେ ଓ ତାଙ୍କଠାରେ କିପରି ଗାଁ ମାଟିର ପ୍ରତିଛବି ଫୁଟି ଉଠେ ବିସ୍ତୃତ ବର୍ଣ୍ଣନା କରିଥିଲେ। ପରେ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଆରମ୍ଭ ହୋଇଥିଲା । ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତ ବିଶେଷଙ୍କ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ରମେଶ ଚନ୍ଦ୍ର ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରମେଶ ଚନ୍ଦ୍ର ପୃଷ୍ଟି ନିଜର ଅନୁଭବ ବ୍ୟକ୍ତ କରିବାକୁ ଯାଇ ଗାଁ ମାଟିର ହସ-ଖୁସି, ଲୁହ-କାନ୍ଦ ଠାରୁ ଆରମ୍ଭ କରି ପର୍ବ ପର୍ବାଣି ସବୁକିଛି ତାଙ୍କୁ କିପରି ସ୍ୱର୍ଗୀୟ ଆନନ୍ଦ ପ୍ରଦାନ କରିଥାଏ ବ୍ୟକ୍ତ କରିଥିଲେ। ଯାହାକି ଥିଲା ଖୁବ୍ ହୃଦୟସ୍ପର୍ଶୀ । ବିଶ୍ୱନାଥ ପଣ୍ଡା ପ୍ରାରମ୍ଭରେ ସ୍ୱାଗତ ଓ ଶେଷରେ ଉଦ୍‌ଯାପନି ସଂଗୀତ ପରିବେଷଣ କରିଥିଲେ । ରଶ୍ମିରେଖା ମହାପାତ୍ର ସମ୍ବର୍ଦ୍ଧନା ପ୍ରଦାନ ସମୟରେ ମାନପତ୍ର ପଠନ ସହିତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ।

# ମିଳିତ ନିଶା ନିବାରଣ ଅଭିଯାନ ଓ ଇଣ୍ଟରାକ୍ଟ କ୍ଲବ୍ ଅଫ୍ ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ବାଲେଶ୍ୱର, ୩୧/୫ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱର ଓ ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆନୁକୂଲ୍ୟରେ 'ମନା'ର ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଆଜି ବାଲେଶ୍ୱରର ଆତିଥ୍ୟ ଭବନରେ 'ବିଶ୍ୱ ତମାଖୁ ବର୍ଜନ ଦିବସ' ପାଳିତ ହୋଇଯାଇଛି। ସଭାପତି ସଭା ଆରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଜି ଦିବସର ଆଭିମୁଖ୍ୟ ଓ 'ମନା' ଦୀର୍ଘଦିନ ଧରି ଏ ଦିଗରେ କାର୍ଯ୍ୟ କରିଆସୁଥିବା କଥା ପ୍ରକାଶ କରିଥିଲେ। 'ମନା'ର ସାଧାରଣ ସଂପାଦିକା ମମତା ମହାପାତ୍ର ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆହ୍ୱାନ ଉପରେ ଗୁରୁତ୍ୱ ଦେବାପାଇଁ ମତ ରଖିଥିଲେ। ମୁଖ୍ୟଅତିଥି ରୂପେ ବାଲେଶ୍ୱରର ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିନାକ୍ଷୀ ରାୟ ଯୋଗଦେଇ ପିଲାମାନଙ୍କୁ ତମାଖୁର ଶରୀର ଉପରେ ପ୍ରଭାବ ଓ ତା'ର ଭୟାବହ ପରିଣତି ବିଷୟରେ ବୁଝାଇଥିଲେ। ଆମ ଆଗରେ ବହୁ ଲୋଭନୀୟ ପଦାର୍ଥ ଆସିବ, ମାତ୍ର ନିଜକୁ ସଂଯତ କରି ସେଥିରୁ ନିବୃତ୍ତ ରହିବା ଆମର କର୍ତ୍ତବ୍ୟ ହେବା ଉଚିତ ବୋଲି ପିଲାମାନଙ୍କୁ ଉପଦେଶ ଦେଇଥିଲେ। 'ମନା'ର ବରିଷ୍ଠ ଉପଦେଷ୍ଟା ତଥା ରୋଟାରିୟାନ୍ ସୁବ୍ରତ କର ତାଙ୍କ ବକ୍ତବ୍ୟରେ ସରକାରଙ୍କର ନୀତି ଓ ସମାଜରେ ତା'ର ପ୍ରଭାବ ଉପରେ ଆଲୋଚନା କରିବା ସଙ୍ଗେସଙ୍ଗେ ସରକାର ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଉଦ୍ୟମ କରିବାର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ତଥା ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା ତାଙ୍କ ବକ୍ତବ୍ୟରେ ଆମେ ସମସ୍ତେ ପୃଥିବୀକୁ ବଦଳାଇ ପାରିବା ନାହିଁ, କିନ୍ତୁ ନିଜ ପୃଥିବୀକୁ ଚେଷ୍ଟାକଲେ ବଦଳାଇ ପାରିବା ବୋଲି ମତ ରଖିଥିଲେ। ଅନ୍ୟତମ ବକ୍ତା ଡ. କ୍ଷିତୀଶ୍ୱର ଦାଶ ସ୍କୁଲ୍‌ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ କରିବା ସଂଗେସଂଗେ ପିଲାମାନଙ୍କୁ ତମାଖୁ ସେବନରୁ ଦୂରେଇ ରହିବାପାଇଁ ଉପଦେଶ ଦେଇଥିଲେ। 'ମନା'ର ଉପସଭାପତି ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ତମାଖୁ ସେବନର କୁପ୍ରଭାବ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀ ରଷିକା ପଣ୍ଡା, ସ୍ୱସ୍ତିକା କୁମାରୀ ସାହୁ, କାବ୍ୟା ପଣ୍ଡା, ଆଶୁତୋଷ ଶତପଥୀ, ଗୀତାଞ୍ଜଳି ମହାପାତ୍ର ଓ ଜ୍ୟୋତିଶ୍ରୀ ଜେନା ନିଶା ବର୍ଜନ ଉପରେ ନିଜନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଗୀତାଞ୍ଜଳି ସିଂହ, ପ୍ରଫୁଲ୍ଲ କୁମାର ଦାସ, ରବି କୁମାର ପାଣିଗ୍ରାହୀ, ଶୁଭଙ୍କର ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଭାକର ସାହୁ (ଖ), ଡ. ଦୟାନିଧି ମହାପାତ୍ର, ରମେଶ ଚନ୍ଦ୍ର ଜେନା, ପଦ୍ମଲୋଚନ ଦତ୍ତ, ଭାସ୍କର ମିଶ୍ର, ଭାରତୀ ପଣ୍ଡା, ଶଶାଙ୍କ ଶେଖର ଦତ୍ତ, କ୍ରୀଷ୍ଣା ସାହା, କଲ୍ୟାଣୀ ନନ୍ଦ, କ୍ରିଷ୍ଣା ପ୍ରଧାନ, ଶାନ୍ତି ବିସି, ସୁବ୍ରତା ମହାନ୍ତି, ସ୍ନେହଲତା ପତି, ବାସନ୍ତୀ ଦେ, ପ୍ରଶାନ୍ତି ସାହୁ, ପ୍ରଭୁଦତ୍ତ ସାହୁ, ଗଙ୍ଗାଧର ପୃଷ୍ଟି, ଯୋଗେଶ ଚନ୍ଦ୍ର ପ୍ରଧାନ, ବେଣୁଧର ସାହୁ, ମହମ୍ମଦ ଇସଲାମ୍, ଶଚୀନ୍ଦ୍ର ଦାସ, କମଳାକାନ୍ତ ନାୟକ, ଶରତ ସାହୁ, ବସନ୍ତ ପ୍ରଧାନ, ସଞ୍ଜୟ ପଣ୍ଡା, ପ୍ରତିମା ପରିଡ଼ା, ଶରତ ପଣ୍ଡା, ପ୍ରବାଳ ସିହ୍ନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚଆହ୍ୱାନ କରିଥିବାବେଳେ ଡ. କେଶବ ଚରଣ ପଣ୍ଡା ବେଦପାଠ କରିଥିଲେ ଓ ସରସ୍ୱତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




# ଖଇରା ଇଗ୍ନୋ ଅଧ୍ୟୟନ କେନ୍ଦ୍ରରେ ନୂତନ ଶିକ୍ଷାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଇରା, ୩୧/୫ (ନି.ପ୍ର): ଖଇରା କଲେଜ ଇଗ୍ନୋ ଅଧ୍ୟନ କେନ୍ଦ୍ରରେ ନୂତନ ଶିକ୍ଷାର୍ଥୀଙ୍କୁ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କେନ୍ଦ୍ରର ସଂଯୋଜକ ଅଧ୍ୟାପକ ବନମାଳୀ ବାରିକ ଏହି ଦୂର ନିରନ୍ତର ପାଠ୍ୟକ୍ରମ ମାଧ୍ୟମରେ ଦୁରଦୁରାନ୍ତରେ ରହୁଥିବା ପିଲାମାନେ କିଭଳି ଉପକୃତ ହୋଇପାରିଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ । କାଉନସେଲର ଭାବେ ଅଧ୍ୟାପକ ଉମେଶ ଚନ୍ଦ୍ର ବାରିକ, ଲେଫ୍ଟନାଣ୍ଟ ଡ ଉଦୟ ରଞ୍ଜନ ଦାସ, ଡ ସୁଜିତ କୁମାର ଛାଟିଆ ପ୍ରମୁଖ ଇଗ୍ନୋର ସମୃଦ୍ଧ ପାଠ୍ୟପୁସ୍ତକ, ଅଧ୍ୟନ ଶୈଳି ଓ ପରୀକ୍ଷା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଇଗ୍ନୋଦ୍ୱାରା ଉପଲବ୍ଧ ସ୍ନାତକ, ସ୍ନାତକୋତ୍ତର ଓ ବିଭିନ୍ନ ପ୍ରକାର ସାର୍ଟିଫିକେଟ ବିଷୟରେ ଆଲୋକପାତ କରାଯାଇଥିଲା । ଶେଷରେ ସହୟକ ଗୌରାଙ୍ଗ ଚନ୍ଦ୍ର ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ବାଲେଶ୍ୱର, ୩୧/୫ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମେ ଆଇ ହେଲ୍ପ ୟୁ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୂର୍ଯ୍ୟଜିତ ରାଉତରାୟ ତମାଖୁ ସେବନ ଦ୍ୱାରା କର୍କଟ, ହୃଦ ରୋଗ ଭଳି ମାରାତ୍ମକ ରୋଗ ହୋଇଥାଏ ।ଏଥିପାଇଁ ବ୍ୟାପକ ସଚେତନତା ଆବଶ୍ୟକ ବୋଲି କହିଥିଲେ । ଏ ବର୍ଷର ବାର୍ତ୍ତା ତମାଖୁ ଓ ନିକୋଟିନ ନିଶା ପ୍ରତି ଆକର୍ଷଣ ସୃଷ୍ଟି କରୁଥିବା ଶିଳ୍ପକୁ ନିୟନ୍ତ୍ରଣ କରିବା, ନିଶାମୁକ୍ତ ସମାଜ ଗଢିବା ଏବଂ ତମାଖୁ ବର୍ଜନ ପାଇଁ ସଚେତନତା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରବନ୍ଧକ ଅଣ ସଂକ୍ରମକ ରୋଗ ମୌସୁମୀ ସାମଲ ପ୍ରମୁଖ ତମାଖୁ ବର୍ଜନ ସମ୍ପର୍କ ରେ ଆଲୋଚନା କରିଥିଲେ । ଏହି ଅବସରରେ ତମାଖୁ ବର୍ଜନ ପାଇଁ ଶପଥ ପାଠ କରାଯାଇଥିଲା । ତମାଖୁ ବର୍ଜନ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମେ ଆଇ ହେଲ୍ପ ୟୁ ର ସମ୍ପାଦକ ଦ୍ୱାରକ ମହାନ୍ତି, ସସ୍ମିତା ମହାନ୍ତି, ଅନୁପମା ଦାଶ, ସୁସ୍ମିତା ଦାସମଙ୍ଗରାଜ ଓ ଦମୟନ୍ତୀ ଶତପଥୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅସୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା




ଖଇରା, ୩୧/୫ (ନି.ପ୍ର): ବାଲେଶ୍ୱର ଜିଲା ନନ୍ଦୁର ଗ୍ରାମ ପଞ୍ଚାୟତ ଅଧୀନ ଅସୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେଶ୍ୱର ସାମଲଙ୍କୁ ରବିବାର ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଆରସିସି ଲକ୍ଷ୍ମୀଧର ସିଂ ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ ନରହରି ରାଉଳ ମୁଖ୍ୟବକ୍ତା, ପୁର୍ବତନ ପ୍ରଧାନଶିକ୍ଷକ ଦେଶବନ୍ଧୁ ମହାପାତ୍ର, ସିଆରସିସି ଉଦୟଭାନୁ ପତି, ନରେନ୍ଦ୍ର ପଣ୍ଡା, କୈଳାସ ଚନ୍ଦ୍ର ସେଣ୍ଡ, ଶଙ୍କର୍ଷଣ ଜେନା, ସୁଶାନ୍ତ କୁମାର ମହାପାତ୍ର, ଅଜୟ କୁମାର ଦ୍ୱିବେଦୀ, ନରେନ୍ଦ୍ର କୁମାର ସାହୁ, ଲକ୍ଷ୍ମଣ ମାଝୀ, ସବିତା ମାଝୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ବିଭିନ୍ନ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ସୁବାଷ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ ।

# ବେଆଇନ ଖଣିଜ କାରବାର ଉପର ଚଢ଼ାଉ: ୧୯ଟି ଗାଡ଼ି ସହ ୪୦ କିଲୋଗ୍ରାମ ବିସ୍ଫୋରକ ଜବତ

ବାଲେଶ୍ୱର, ୩୧/୫ (ନି.ପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲାରେ ବେଆଇନ ଖଣିଜ ପଦାର୍ଥ ପରିବହନ ଏବଂ ବେଆଇନ ଖନନ ବିରୋଧରେ ପ୍ରଶାସନ ପକ୍ଷରୁ କଡ଼ା ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତକାଲି ତା ୩୦.୦୫.୨୦୨୬ ରିଖ ବିଳମ୍ବିତ ରାତିରେ ଜିଲ୍ଲା ଖଣି ଅଧିକାରୀ ଏବଂ କନିଷ୍ଠ ଖଣି ଅଧିକାରୀ ମାନଙ୍କ ଦ୍ୱାରା ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ସମୁଦାୟ ୧୯ଟି ଗାଡ଼ି ଏବଂ ପ୍ରାୟ ୪୦ କିଲୋଗ୍ରାମ ବେଆଇନ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସିମୁଳିଆ ଅଞ୍ଚଳରେ ଚଢ଼ାଉ ସମୟରେ ବେଆଇନ ଭାବେ ବାଲି ପରିବହନ କରୁଥିବା ୨ଟି ହାଇଭା ଗାଡ଼ିକୁ ଜବତ କରାଯାଇ ସିମୁଳିଆ ଥାନାରେ ଅଟକ ରଖାଯାଇଛି। ବାଗୁଡ଼ି ସ୍ଥିତ ବେଆଇନ ପଥର ଖଣି ଅଞ୍ଚଳରେ ଚଢ଼ାଉ କରାଯାଇ ପ୍ରାୟ ୪୦ କିଲୋଗ୍ରାମ ବେଆଇନ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଏହି ସାମଗ୍ରୀକୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୋରୋ ଥାନାକୁ ହସ୍ତାନ୍ତର କରାଯାଇଛି। ଜଳେଶ୍ୱରରେ ବେଆଇନ ଭାବେ ମୋରମ ଏବଂ ବାଲି ବୋଝେଇ କରି ଯାଉଥିବା ୧୧ଟି ହାଇଭା ଓ ୪ଟି ଟ୍ରାକ୍ଟରକୁ ଜବତ କରାଯାଇ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ପରିସର ମଧ୍ୟରେ ଅଟକ ରଖାଯାଇଛି। ଜିଲ୍ଲାରେ ବେଆଇନ ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ଏବଂ ବେଆଇନ ଖଣିକୁ ରୋକିବା ପାଇଁ ଆଗାମୀ ଦିନରେ ଏହିଭଳି ଆକସ୍ମିକ ଚଢ଼ାଉ ଏବଂ କଠୋର ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟପାଳଙ୍କ ସହ ମନ୍ କୀ ବାତ୍ ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧/୫ (ନି.ପ୍ର): ଲୋକଭବନରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପତିଙ୍କ ସହ ମନ୍ କୀ ବାତ ଶୁଣିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବରିଷ୍ଠ ମନ୍ତ୍ରୀଗଣ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନଭାଗିଦାରୀ ଏବଂ ସମାଜ ସଂସ୍କାର ଉପରେ ଆଧାରିତ, ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରେରଣାଦାୟୀ ବିଚାର ଆମ ସମସ୍ତଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଛି। ଏହା ଆମକୁ ଦେଶ ତଥା ରାଜ୍ୟର ସର୍ବାଙ୍ଗୀନ ବିକାଶ ଏବଂ ଏକ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ନୂତନ ଶକ୍ତି ଓ ପ୍ରେରଣା ପ୍ରଦାନ କରିବ।

# ବ୍ରହ୍ମାକୁମାରୀ ସେବା କେନ୍ଦ୍ର ପରିସରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ଖୋରଧା, ୩୧/୫ (ନି.ପ୍ର): ଖୋରଧା ଗୋଡିପୋଖରୀ ଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ର ପରିସରରେ ସକାଳ 'ବିଶ୍ୱ ତମାଖୁ ବର୍ଜନ ଦିବସ' ପାଳିତ ହୋଇଯାଇଛି । କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଭାବରେ ଖୋରଧା ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀମତୀ ସୁମତି ତ୍ରିପାଠୀ ଯୋଗଦେଇ ତାଙ୍କ ବକ୍ତବ୍ୟ ରେ 'ନିଶା କିଛି ସମୟ ପାଇଁ କ୍ଷଣସ୍ଥାୟୀ ସୁଖ ପ୍ରଦାନ କରି ମନୁଷ୍ୟ ଜୀବନକୁ ବରବାଦ କରିଦିଏ'ବୋଲି କହିଥିଲେ। ବ୍ରହ୍ମ କୁମାର ଜୟକୃଷ୍ଣ ଭାଇ ନିଶା ମୁକ୍ତି ପାଇଁ ମାନସିକ ଦୃଢତା ଜରୁରୀ ବୋଲି କହିଥିଲେ। ଏହା ପରେ ଖୋରଧା ଜିଲ୍ଲା କାରାଗାର ପରିସରରେ ଅଧିକ୍ଷକ ରାଜିବ କୁମାର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିଶାମୁକ୍ତ ସଭାରେ ୨୦୦ରୁ ଉର୍ଦ୍ଧ୍ୱ କାରାଗାର ରେ ଥିବା ଅନ୍ତେବାସୀ ଯୋଗଦାନ କରି ନିଶା ବର୍ଜନ କରିବା ପାଇଁ ଶପଥ ନେଇଥିଲେ। ଶେଷରେ ବ୍ରହ୍ମାକୁମାରୀ ଖୋରଧା ସେବାକେନ୍ଦ୍ର ତରଫରୁ'ଜ୍ଞାନ ଦର୍ପଣ' ମାସିକ ଆଧ୍ୟାତ୍ମିକ ପତ୍ରିକା ସମସ୍ତ ଙ୍କୁ ବଣ୍ଟନ କରାଯିବା ସହିତ ନିଶା ମୁକ୍ତି ର ଶିକ୍ଷା ଦିଆଯାଇଥିଲା। ଏଥିସହିତ ପଲ୍ଲାରେ ଥିବା ନିଶା ନିବାରଣ ସଂସ୍ଥା 'ମୁକ୍ତି ଫାଉଣ୍ଡେସନ' ରେ ୨୫ ଜଣ ଓ ଗୋଡିପୋଖରୀ ଠାରେ ଥିବା ନିଶା ନିବାରଣ ସଂସ୍ଥା 'ଜୀବନ ଆଶା 'ରେ ୧୫ଜଣ ଅନ୍ତେବାସୀ ନିଶାମୁକ୍ତ ହେବାର ଶିକ୍ଷା ପ୍ରଦାନ କରାଯାଇଥିଲା।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida